**ସଂକ୍ଷେପରେ**

## ଶିଶୁ ଶ୍ରମିକ ନିରୋଧ ଆଇନ ସଚେତନତା



ଦିଗପହଣ୍ଡି,୧୩।୬(ଡି.ଏନ.ଏ.)- ଦିଗପହଣ୍ଡି ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ବୁଧବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁରେ ଆୟୋଜିତ ସଚେତନତା ସଭାରେ କମିଟିର ଅଧକ୍ଷ ତଥା ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରଞ୍ଜନ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ଏଥିରେ ସମାଜର ବିଭିନ୍ନ ବର୍ଗ ଲୋକଙ୍କ ପାଇଁ ରହିଥିବା ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ଓ ଶିଶୁ ଶ୍ରମିକ ନିରୋଧ ଆଇନ ଉପରେ ସଚେତନତା କରାଯାଇଥିଲା। ଶିଶୁମାନଙ୍କର ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯତ୍ନ ପ୍ରତି ସମସ୍ତ ଅଭିଭାବକ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ସଭାରେ ଖେମୁଣ୍ଡି ଓକିଲ ସଂଘର ସମ୍ପାଦକ ହର ପ୍ରସାଦ ରଥ, ସରକାରୀ ଓକିଲ ନକୁଳ ପ୍ରଧାନ, ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସମିତିସଭ୍ୟ ପ୍ରତିନିଧି ମୀନକେତନ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଞ୍ଛାନିଧି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଚାର ବିଭାଗୀୟ ଅଦାଲତ କର୍ମଚାରୀ ଶିବ ଶଙ୍କର ମହାରଣା, କାଳିଆ ନାୟକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ବପା, ପୁଅଙ୍କୁ ଛୁରିମାଡ଼ ଘଟଣା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୩।୬(ଡି.ଏନ.ଏ.):ଦିଗପହଣ୍ଡି ଥାନା ଦକ୍ଷିଣପୁର ଗ୍ରାମର ବାପା, ପୁଅଙ୍କୁ ଛୁରିରେ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ହେଲେ ପି. ଜାଗିଲି ରେଡ୍ଡୀ। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୮ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜାଗିଲି ତାଙ୍କ ଗ୍ରାମର ଜି. ଯୋଗେନ୍ଦ୍ର ରେଡ୍ଡୀ ଓ ତାଙ୍କ ପୁଅ ରାଜେଶଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ନେଇ ଯୋଗେନ୍ଦ୍ରଙ୍କ ସମ୍ପର୍କୀୟ ଏଲ. ପ୍ରକାଶ ରେଡ୍ଡୀଙ୍କ ଏତଲା ପ୍ରକାରେ ଦିଗପହଣ୍ଡି ଥାନାରେ ନଂ.୧୦୭/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତଦନ୍ତକାରୀ ପୋଲିସ ଅଧିକାରୀ ଏସଆଇ ମଧୁସ୍ମିତା ପ୍ରଧାନ ଅଭିଯୁକ୍ତ ଜାଗିଲିଙ୍କୁ ବୁଧବାର ରାତି ପ୍ରାୟ ୧୧ଟାରେ ତାଙ୍କ ଘରୁ ଗିରଫ କରିଥିଲେ। ଏଥିସହ ଏକ ରକ୍ତଭିଜା ଛୁରି ମଧ ଜବତ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି।

## ପାଣି ବୋତଲ କାରଖାନାରେ ଚଢ଼ାଉ

ପାରଳାଖେମୁଣ୍ଡି,୧୩।୬ (ସ୍ୱ.ପ୍ର.):ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ରାଣୀପେଣ୍ଠରେ ଥିବା ମିନେରାଲ ପ୍ଲସ୍ ନାମକ ଏକ ବିଶୁଦ୍ଧ ପାନୀୟଜଳ ପ୍ରସ୍ତୁତି କାରଖାନା ଉପରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ସମୟରେ କାରଖାନାର କୌଣସି ସ୍ୱାସ୍ଥ୍ୟ ବିଭାଗ ସ୍ୱୀକୃତି ବା ପଞ୍ଜିକରଣ ନଥିବା ଜଣାପଡିବାପରେ ଏହି ଛାପା ପଡିଥିବା ଜଣାପଡିଛି। ଚଢ଼ାଉ ବେଳେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଏମ୍.ଏମ୍. ଅଲ୍ଲୀ, ଖାଦ୍ୟ ନିରୀକ୍ଷକ ସ୍ମିତା ଖାଡଙ୍ଗାଙ୍କ ସମେତ ପୋଲିସ ମଧ ଉପସ୍ଥିତ ଥିବା ଜଣାପଡିଛି।

■ହୀରା ପଥର କାରବାରକୁ ନେଇ ଗୁଳିମାଡ଼ ଘଟଣା

# ୪ ଅଭିଯୁକ୍ତ ଜେଲ ଗଲେ, ୬ ଫେରାର

ଦିଗପହଣ୍ଡି/ଟିକିଟି, ୧୩।୬ (ଡି.ଏନ.ଏ.)

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ବୀରସିଂହ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ହୀରା ପଥର କାରବାରକୁ କେନ୍ଦ୍ରକରି ଗତ ୬ ତାରିଖ ଅପରାହ୍ନରେ ସୁବାସ ପଣ୍ଡାଙ୍କୁ ଗୁଳିମାଡ଼ ହୋଇଥିଲା। ଏହି ଘଟଣାରେ ଗୁରୁବାର ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜରଡ଼ା ଥାନା ମର୍ଦ୍ଦରାଜପୁର ଗ୍ରାମର ମାଧବ ପାଣିଗ୍ରାହୀ, ପାତ୍ରପୁର ଗ୍ରାମର ଏ. ସନ୍ତୋଷ, ବ୍ରହ୍ମପୁର ହାଉସିଂ ବୋର୍ଡ କଲୋନୀର କେ. ପ୍ରଦୀପ ସୁବୁଦ୍ଧି ଓ ଗୋସାଇଁ ନୂଆଗାଁର ହିମାଂଶୁ ସାହୁ। ଅଭିଯୁକ୍ତଙ୍କ ନିକଟରୁ ଏକ କଳା ରଙ୍ଗର ବୁଲେଟ (ନଂ ଏପିଓ୩୦ଏଲ୮୨୯୯) ଜବତ କରାଯାଇଛି। ଥାନା ମାମଲା ନଂ.୧୦୮/୧୯ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୬ ଜଣ ଫେରାର ଅଛନ୍ତି। ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ଥିବାରୁ ସେମାନଙ୍କ ନାଁ ଓ ଠିକଣା ଗୋପନ ରଖାଯାଇଛି। ଗୁରୁବାର କେ.ନୂଆଗାଁ ଥାନା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଏହି ସୂଚନା ଦେଇଛି। ପୋଲିସ କହିଛି ଯେ, ଘଟଣା ଦିନ ସୁବାସ ନିଜ ଘରେ ଖାଇ ବସିଥିଲେ। ତାଙ୍କ ପାଖରେ ଥିବା ୧୦ଟି ହୀରା ପଥର କିଣିବା ପାଇଁ ବ୍ୟବସାୟୀ ଆସିଛନ୍ତି ବୋଲି କହି ଅଭିଯୁକ୍ତ ସନ୍ତୋଷ ଏବଂ ତାଙ୍କ ସମ୍ପର୍କୀୟ ମାଧବ ଘରୁ ଡ଼ାକି ନେଇଥିଲେ। ଗାଁ ଶେଷ ମୁଣ୍ଡରେ ୨ ଜଣ ଅଣ ଓଡ଼ିଆ ହୀରା ବ୍ୟବସାୟୀ ଓ ଅନ୍ୟ ୮ ଜଣ ଅଜଣା ବ୍ୟକ୍ତି ଉପସ୍ଥିତ ଥିଲେ। ବ୍ୟବସାୟୀଦ୍ୱୟ ହୀରାପଥରଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରଥବଲେ ମଧ ଦର ଛିଡ଼ି ପାରି ନ ଥିଲା। ତେଣୁ ସୁବାସ ହୀରା ପଥର ରଖିଥିବା ମୁଣି ଧରି ଘରକୁ ଫେରୁଥିଲେ। ଘର ଠାରୁ ପ୍ରାୟ ୫ ଶହ ମିଟର ଦୂର ଶିବ ମନ୍ଦିର ନିକଟରେ ବାଇକରେ ପିଛା କରି ଆସିଥିବା ଜଣେ ଅଜଣା ଦୁର୍ବୃତ୍ତ ସୁବାସଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ସେଠାରେ ସୁବାସଙ୍କୁ ଘେରିଯିବା ସହ ସେ ଧରିଥିବା ମୁଣିକୁ ଜବରଦସ୍ତ ଛଡ଼େଇ ନେଇଥିଲେ। ଜଣେ ଦୁର୍ବୃତ୍ତ ସୁବାସଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ସୁବାସ ଘରକୁ ଦୌଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଟିକିଟି ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନା ନିଆଯାଇଥିଲା। ଆଖି ପତା ଉପର ଦେଇ ଗୁଳି ଯାଇଥିବାରୁ ଅସ୍ତ୍ରୋପଚାର କରାଯାଇଥିଲା। ତଥାପି ବାମ ଆଖିଟି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ସୁବାସଙ୍କ ଝିଅ ପ୍ରିୟଙ୍କା ପଣ୍ଡାଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କ ବିରୋଧରେ ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଅତିରିକ୍ତ ଏସପି ମାୟାଧର ସେଠୀ, ଟିକିଟି ଏସଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ କେ.ନୂଆଗାଁ ଥାନା ଆଇଆଇସି ମାଧବାନନ୍ଦ ନାୟକ ଉପସ୍ଥିତ ଥିଲେ। ହୀରା ପଥର ଅସଲି କି ନକଲି ପଚାରିବାରୁ ଫେରାର ଅଭିଯୁକ୍ତଙ୍କ ନିକଟରୁ ଉକ୍ତ ପଥର ଜବତ ହେବା ପରେ ପରୀକ୍ଷା କରାଯିବ ବୋଲି ତଦନ୍ତକାରୀ ପୋଲିସ ଏସଆଇ ଜ୍ଞାନ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ସୁବାସ ରାୟଗଡ଼ା ନିକଟ ଏକ ନଦୀରେ ଗାଧୋଉଥିବା ବେଳେ ୧୦ଟି ହୀରା ପଥର ପାଇଥିଲେ ବୋଲି ସେ ବୟାନ ଦେଇଥିବା ପୋଲିସ କହିଛି।

**ଆହତ ସୁବାସଙ୍କ ବାମ ଆଖି ନଷ୍ଟ**



ଗିରଫ ୪ ଅଭିଯୁକ୍ତ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ




ବୈଠକରେ ଉପସ୍ଥିତ ଅଧିକାରୀ।

ଭଞ୍ଜନଗର,୧୩।୬(ଡି.ଏନ.ଏ)

ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ବୁଧବାର କୁଲାଡ଼ କବିସମ୍ରାଟ ବିଦ୍ୟାପୀଠରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏଥିଲାଗି ଆୟୋଜିତ ସଭାରେ ଏଡ଼ିଜେ ମହଲତ ସା ଅଧକ୍ଷତା କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଶିଶୁ ଶ୍ରମିକ ସମସ୍ୟା ଦୂର ପାଇଁ ସମସ୍ତେ ସଚେତନ ହେବାକୁ ପଡ଼ିବ ବୋଲି ବକ୍ତାମାନେ ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଏସ୍‌ଡିଜେଏମ୍ ବେଦପ୍ରକାଶ, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଲେବର ଅଫିସର, ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ମଳିକ, ଶିକ୍ଷକ ବେଣୁପାଣି ଶତପଥୀ, ବାର ଆସୋସିଏଶନ ସମ୍ପାଦକ ଅଶୋକ କୁମାର ଜେନା, ଆଇନଜୀବୀ ରଞ୍ଜିତ ତ୍ରିପାଠୀ, ମନୋଜ ପଟ୍ଟନାୟକ, ଗୋପାଳ ବିଷୋୟୀ, ରାମକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
ନୀଳକଣ୍ଠ ନଗର, ବ୍ରହ୍ମପୁର – ୨ (ଗଞ୍ଜାମ)
ଦୂରଭାଷ : ୮୯୧୭୫୯୧୪୫୫, ୮୨୪୯୫୩୩୬୭୬
**ଶିକ୍ଷକ/ ଶିକ୍ଷୟିତ୍ରୀ ଆବଶ୍ୟକ**
**ଶିକ୍ଷାଗତ ଯୋଗ୍ୟତା :** I.A./I.Sc. ସହିତ C.T. କିମ୍ବା B.A./ B.Sc./B.Com. ସହିତ B.Ed. ହୋଇଥିବା ଆବଶ୍ୟକ। ୧୦ମ ବୋର୍ଡ ପରୀକ୍ଷାରେ 1st Division ହୋଇଥିବା ଆବଶ୍ୟକ।
**ଦରମା ବାର୍ଷିକ ପ୍ରାୟ ୧,୧୦,୦୦୦/– ଟଙ୍କା।**
ମୂଳ ପ୍ରମାଣପତ୍ର ଓ ତାହାର ନକଲ ଏବଂ Bio-Data ସହ ଆସନ୍ତା ତା. ୧୬.୦୬.୨୦୧୯ ରିଖ ରବିବାର ଦିନ ସକାଳ ୯ଟାରେ ସାକ୍ଷାତକାର ପାଇଁ ଇଚ୍ଛୁକ ପ୍ରାର୍ଥୀ ଉପସ୍ଥିତ ରହିବେ। ଅଭିଜ୍ଞତା ଓ O.T.E.T. କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
**ସ୍ୱା./– ସମ୍ପାଦକ**

## ବର୍ଷା ପବନରେ ବିଦ୍ୟୁତ୍ ସେବା ବ୍ୟାହତ

ଭଞ୍ଜନଗର, ୧୩।୬ (ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ପ୍ରବଳ ଝଡ଼ତୋଫାନ ସହ ବର୍ଷା ହୋଇଥିଲା। ଏଥିରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିବାରୁ ଭଞ୍ଜନଗର ସହର ଓ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ସାଉଥ୍‌କୋ କର୍ମଚାରୀମାନେ ଭଙ୍ଗା ଖୁଣ୍ଟ ବଦଳାଇବା ପରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ସହରତଳି ବାଉଁଶଲୁଣ୍ଡି ବାଇପାସ୍ ରାସ୍ତା ପ୍ରଧାନ କଲୋନୀ ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିବାରୁ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ଥିଲା। ସେହିପରି ପବନରେ ବହୁ ଘରର ଚାଳଛପର ନଷ୍ଟ ହୋଇଛି। ବର୍ଷା ଯୋଗୁ ଗୁରୁବାର ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି।



ବାଉଁଶଲୁଣ୍ଡି ବାଇପାସ୍ ରାସ୍ତାରେ ଭାଙ୍ଗି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ।

## ଉଦ୍ଧାର ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର

ପାରଳାଖେମୁଣ୍ଡି,୧୩।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସ୍ଥିତ ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ଉଦ୍ଧାର ନାବାଳିକାଙ୍କୁ ଗୁରୁବାର ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଗଜପତି ଜିଲା ରାୟଗଡ଼ ଥାନା ଅନ୍ତର୍ଗତ ପରିସଲ ଗ୍ରାମର ଜଣେ ନାବାଳିକା ୧୦ମ ଶ୍ରେଣୀ ପରୀକ୍ଷାରେ ଫେଲ୍ ହେବାରୁ ମନଖରାପ କରି ପ୍ରଥମେ ରାୟଗଡ଼ରୁ ପାରଳାଖେମୁଣ୍ଡି ଦେଇ ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟର ରାଜମନ୍ଦ୍ରୀ ସହରକୁ ଚାଲିଯାଇ ମାଉସୀଙ୍କ ଘରେ ରହିଥିଲେ। ନାବାଳିକାଙ୍କ ପରିବାର ଲୋକେ ବହୁ ଖୋଜାଖୋଜ ପରେ ଝିଅ କେଉଁ ଆଡ଼େ ଚାଲିଯାଇଥିବା ନେଇ ରାୟଗଡ଼ ଥାନାରେ ଅଭିଯୋଗ କରିଥିଲେ। ପରେ ରାଜମନ୍ଦ୍ରୀ ସ୍ଥିତ ମାଉସୀ ନାବାଳିକାଙ୍କୁ ତାଙ୍କ ଘରକୁ ପଠାଇଥିଲେ।

## ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ



ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆସିକା,୧୩।୬(ଡି.ଏନ୍.ଏ.)

ଆସିକା ବ୍ଲକ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ବ୍ଲକର ବିଭିନ୍ନ ସ୍ଥାନରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗୋଲାପଲ୍ଲୀ ଗ୍ରାମର ୨, ବାବନପୁର, ପାଣ୍ଡିଆପଥର ଓ ମଙ୍ଗଳପୁର ଗ୍ରାମର ଜଣେ ଲେଖାଏ ଶିଶୁ କନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିକାରୀମାନେ ଉକ୍ତ ଶିଶୁ କନ୍ୟାମାନଙ୍କ ଘରକୁ ଯାଇ ଗେହ୍ଲା ଝିଅ ଭାବେ ସମ୍ବର୍ଦ୍ଧିତ କରିବା ସହ କେକ କାଟିବା ସହ କିଟ ପ୍ରଦାନ କରିଥିଲେ। ଏତଦ ଅବସରରେ ବାବନପୁର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ମୁଖ୍ୟ ଅତିଥି, ସରପଞ୍ଚ ସୌଦାମିନୀ ନାୟକ, ସମିତିସଭ୍ୟା ନର୍ମଦା ମୁନି, ପୂର୍ବତନ ବ୍ଲକ ଉପାଧକ୍ଷ ଅନିଲ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କନ୍ୟା ସନ୍ତାନମାନଙ୍କ ଲାଗି ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏଥିସହ ମହିଳା ସଶକ୍ତୀକରଣ ନିମନ୍ତେ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜନସାଧାରଣ କନ୍ୟା ସନ୍ତାନଙ୍କ ଲାଗି ଯତ୍ନବାନ ହେବା ଲାଗି ପରାମର୍ଶ ଦିଆଯାଇଥିଲା।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

ଦିଗପହଣ୍ଡି, ୧୩।୬(ଡି.ଏନ.ଏ.)

ଦିଗପହଣ୍ଡି ଥାନା ନୂଆମାଳଭଞ୍ଜା ଗୋପବନ୍ଧୁ ନଗର ନିକଟରେ ବୁଧବାର ଖୁଣ୍ଟରେ ଚଢ଼ି କାମ କରୁଥିବା ଜଣେ ଶ୍ରମିକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୋଡ଼ି ହେଇଛନ୍ତି। ସେ ହେଲେ କଳାହାଣ୍ଡି ଜିଲା ପାଡ଼େପକ ଗାଁର ତୁଲାରାମ ମାଝି। ଗୁରୁତର ଅବସ୍ଥାରେ ତୁଲାରାମଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୌଭାଗ୍ୟ ଯୋଜନାରେ ଏଲଟି ଲାଇନ ତାର ଟଣା ଯାଉଥିବା ବେଳେ ତୁଲାରାମ ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଦିଗପହଣ୍ଡି ବିଦ୍ୟୁତ ସହକାରୀ ଯନ୍ତ୍ରୀ ଇଂ. ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ତୁଲାରାମଙ୍କ ହାତ, ପେଟ, ଜଙ୍ଘ ଓ ଛାତି ଜଳି ଯାଇଥିବା ସେ କହିଛନ୍ତି। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟର ବିନା ପରାମର୍ଶରେ ଠିକାଦାର କାମ କରୁଥିବାରୁ ଶ୍ରମିକ ଜଣକ ଆହତ ହୋଇଥିବା ସେ କହିଛନ୍ତି।

■ କାମ ଦେବା ନାଁରେ ବଳାତ୍କାର ଉଦ୍ୟମ ଘଟଣା

## ୨୦ ଦିନ ପରେ ବି ଗିରଫ ହେଲେନି ଅଭିଯୁକ୍ତ

ଗଞ୍ଜାମ, ୧୩।୬(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଗ୍ରାସୀମ କମ୍ପାନୀର ମୁଖ୍ୟ ସୁରକ୍ଷା ଅଧିକାରୀ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତ ମହିଳାଙ୍କୁ କାମ ଦେବା ନାଁରେ ବଳାତ୍କାର ଉଦ୍ୟମ କରିଥିବା ନେଇ ଗତ ୨୫ ତାରିଖରେ ଗଞ୍ଜାମ ଥାନାରେ ଏତଲା ହୋଇଥିଲା। ନଂ. ୪୨/୧୯ରେ ମାମଲା ରୁଜୁ କରିଥିଲା ଥାନା ପୋଲିସ। ତେବେ ଏତଲା ଦିଆଯିବାର ୨୦ ଦିନ ପରେ ବି ପୋଲିସ ଏ ଯାଏ ଅଭିଯୁକ୍ତଙ୍କୁ ଗିରଫ କରିପାରିନି। ଏଥିରେ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଦନ୍ତର ଆଳ ଦେଖାଇ ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଅଭିଯୁକ୍ତ ସଞ୍ଜୟ କୁମାର ଦାସଙ୍କ ଗିରଫ ଦାବି ନେଇ ଗ୍ରାମବାସୀ ଗତ ୧ ତାରିଖରେ ଜିଲାପାଳଙ୍କୁ ଭେଟିଥିଲେ। ପରେ ଏସପି ବ୍ରିଜେଶ କୁମାର ରାଏ ଅତିରିକ୍ତ ଏସପି ପତିତ ପାବନ ମହାପାତ୍ରଙ୍କୁ ଏହାର ତଦନ୍ତ ଭାର ଦେଇଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଅତିରିକ୍ତ ଏସପି ମହାପାତ୍ର, ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାସ ଓ ଆଇଆଇସି ସୁଦାମ ମଳିକ ପ୍ରମୁଖ ଗ୍ରାସୀମ କମ୍ପାନୀ ଯାଇ ଉକ୍ତ ଘଟଣାରେ ଲିଙ୍କ ଥିବା ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ଏହି ଘଟଣାରେ ଅନ୍ୟ କିଏ ଅଭିଯୁକ୍ତଙ୍କୁ ସହଯୋଗ କରିଛନ୍ତି ତାହାର ତଦନ୍ତ କରୁଛି ଗଞ୍ଜାମ ଥାନା ପୋଲିସ। ତେବେ ଖୁବଶୀଘ୍ର ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଏସଡିପିଓ ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କମ୍ପାନୀ ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତି କହିଛନ୍ତି, ଏହି ଘଟଣା ଜଣାପଡିବା ପରେ ମୁଖ୍ୟ ସୁରକ୍ଷା ଅଧିକାରୀଙ୍କୁ କମ୍ପାନୀରୁ ଅନ୍ତର କରାଯାଇଥିବା ନେଇ ଚିଠି ମେଲ ଦ୍ୱାରା ତାଙ୍କୁ ଓ ଏସଡିପିଓଙ୍କ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଛି।



## ସଂକ୍ଷେପରେ

### ପାନ୍ଥନିବାସରେ ରଜ ମହୋତ୍ସବ



**ଗୋପାଳପୁର,୧୩।୬:** ଗୋପାଳପୁର ପାନ୍ଥନିବାସରେ ପ୍ରତିବର୍ଷ ଭଳି ଗୁରୁବାର ରଜ ମହୋତ୍ସବ ଚଳିତବର୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏନ୍ଏସି ଅଧକ୍ଷା ଏ. ମହାଲକ୍ଷ୍ମୀ ଓ ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସନାତନ ନାୟକ, ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର, ସହ ପରିଚାଳକ ବୈଳଚନ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୋଡ଼ପିଠା, ମଣ୍ଡାପିଠା, କାକରା ଓ ଅନ୍ୟାନ୍ୟ ପିଠା ପ୍ରଦର୍ଶନ କରାଯାଇଥିଲା। ପାନ୍ଥନିବାସରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଜଣାପଡ଼ିଛି। ଏହି ଅବସରରେ ସୁରେନ୍ଦ୍ର ମହାପାତ୍ର, ନାରାୟଣ ମହାଙ୍କୁଡ଼ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟୁତ୍ କାଟରେ ଲୋକେ ଅତିଷ୍ଠ

**ବୁଗୁଡ଼ା,୧୩।୬(ଡି.ଏନ.ଏ.):** ବୁଗୁଡ଼ା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ପ୍ରବଳ ଖରା ଓ ଅସହ୍ୟ ଗୁଳୁଗୁଳି ବୃଦ୍ଧି ପାଉଛି। ବାରମ୍ବାର ବିଦ୍ୟୁତ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳ ୮ଟାରୁ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ଫଳରେ ଲୋକେ ଘରୁ ବାହାରିବା କଷ୍ଟକର ହେଉଛି। ଗୁଳୁଗୁଳିର ପ୍ରକୋପ ବୃଦ୍ଧି ପାଇବା ଫଳରେ ଘରୁ ବାହାରିବା ଅସମ୍ଭବ ହୋଇପଡୁଛି। ଗୋଟିଏ ପଟେ ଅସହ୍ୟ ତାତିରେ ଲୋକେ ଛଟପଟ ହେଉଥିବା ବେଳେ ବୁଗୁଡ଼ା ଅଞ୍ଚଳ ସାରା କୌଣସି ନା କୌଣସି କାରଣରୁ ବାରମ୍ବାର ବିଦ୍ୟୁତ୍ କାଟ ହେବା ଫଳରେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ଭୀଷଣ ଗରମ ଯୋଗୁ ରାସ୍ତାକଡ଼ରେ ବସି ବିକ୍ରି କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ବ୍ୟବସାୟ ମଧ୍ୟ ପ୍ରଭାବିତ ହେଉଛି। ଗତ ଦୁଇଦିନ ହେଲା ବୁଗୁଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ରହୁଛି। ତେଣୁ ଏପରି ସ୍ଥଳରେ ବିଦ୍ୟୁତ କାଟ ହେବା ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଏସ୍ଡିଓ ଗୋପାଳ କୃଷ୍ଣ ପ୍ରଧାନଙ୍କୁ ପଚାରିବାରୁ କୌଣସି ଅସୁବିଧାରୁ ବିଦ୍ୟୁତ୍ ଯୋଗାଣରେ ବାଧା ଉପୁଜିଲେ ଏହାର ତୁରନ୍ତ ସମାଧାନ କରାଯାଇ ଲୋକଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଉଛି ବୋଲି ସେ କହିଥିଲେ।

■ ବ୍ରହ୍ମପୁର ମହାନଗର ନିଗମ

# ପୌରସଂସ୍ଥାରେ ୨୪ ସରକାରୀ ପ୍ରଶାସକ

ବ୍ରହ୍ମପୁର ଅଫିସ,୧୩।୬

ବ୍ରହ୍ମପୁର ମହାନଗର ନିଗମର ନିର୍ବାଚିତ ମେୟର, ଡେପୁଟି ମେୟର ଓ କର୍ପୋରେଟରଙ୍କ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ସରିଛି। ପରିଚାଳନା ଦାୟିତ୍ୱ ଗତ ଅକ୍ଟୋବର ପହିଲାରୁ ସରକାରଙ୍କ ହାତକୁ ଯାଇଛି। ଗଞ୍ଜାମ ଜିଲାପାଳଙ୍କୁ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସ୍ୱାୟତ୍ତ ଶାସନ ସଂସ୍ଥାରେ ଏବେ ଅମଲାତନ୍ତ୍ର ଶାସନ ଚାଲିଛି। ପୌର ନିର୍ବାଚନ କେବେ ହେବ ତାହା ଅନିଶ୍ଚିତତା ହୋଇଯାଇଛି। ସୂଚନାଯୋଗ୍ୟ, ବ୍ରିଟିଶ ଶାସନ ବେଳେ ୧୮୬୭ରେ ବ୍ରହ୍ମପୁର ପୌର ସଂସ୍ଥା ପ୍ରତିଷ୍ଠା ହୋଇଥିଲା। ଏହାର ୧୪୨ ବର୍ଷ ପରେ ଏହି ପୁରାତନ ପୌରସଂସ୍ଥାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମ୍ୟୁନିସିପାଲ କର୍ପୋରେଶନ (ମହାନଗର ନିଗମ)ର ମାନ୍ୟତା ମିଳିଲା। ୨୦୦୮ ପୌର ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠ ହୋଇଥିବାରୁ ଉପନଗରପାଳ ଓ ନଗରପାଳ ସେହି ଦଳରୁ ନିର୍ବାଚିତ ହୋଇଥିଲେ। ମହାନଗର ନିଗମ ଘୋଷଣା ହେବାରୁ ସେମାନେ ଆପେ କର୍ପୋରେଟର, ଡେପୁଟି ମେୟର ଓ ମେୟର ବନିଗଲେ।

### ୬ ତେଲୁଗୁ ନଗରପାଳ, ମେୟର ହୋଇଛନ୍ତି

ପରବର୍ତ୍ତୀ ୨୦୧୩ ପୌର ନିର୍ବାଚନରେ ପ୍ରଥମ କରି ୪୦ କର୍ପୋରେଟର ନିର୍ବାଚିତ ହେଲେ। ସେମାନଙ୍କ ମତଦାନ ଦ୍ୱାରା ମେୟର ଓ ଡେପୁଟି ମେୟର ହେଲେ। ୧୬ନଂ. ୱାର୍ଡରୁ ଜିତିଥିବା କେ. ମାଧବୀ ଓ ୩୭ନଂ. ୱାର୍ଡରୁ ନିର୍ବାଚିତ କର୍ପୋରେଟର ଜ୍ୟୋତ୍ସ୍ନା ନାୟକ ଯଥାକ୍ରମେ ମେୟର ଓ ଡେପୁଟି ମେୟର ହୋଇଥିଲେ। ବ୍ରହ୍ମପୁର ପୌର ଇତିହାସରେ ୨ ମହଳା ମେୟର ଓ ଡେପୁଟି ମେୟର ହେବା ପ୍ରଥମ ଘଟଣା ହୋଇଥିଲା। ଅପରପକ୍ଷରେ ମହାନଗର ନିଗମରେ ସମୁଦାୟ ସ୍ଥାନ ସଂଖ୍ୟାରୁ ୫୦% ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ସତ୍ତ୍ୱେ ଗତ ପୌର ନିର୍ବାଚନରେ ବିଜେଡି ଓ କଂଗ୍ରେସରୁ ୨୩ ମହିଳା କର୍ପୋରେଟର ନିର୍ବାଚିତ ହୋଇଥିଲେ। ନିଗମର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ଶେଷ ବେଳକୁ ଜଣେ ମାତ୍ର ଭାଜପାର ମହିଳା କର୍ପୋରେଟର ଥିଲେ। କଂଗ୍ରେସ କର୍ପୋରେଟରମାନେ ବିଜେଡିର ସାମିଲ ହୋଇଥିଲେ। ତେଣୁ ଶେଷ ପର୍ଯ୍ୟାୟରେ ନିଗମର ନିର୍ବାଚିତ ପରିଷଦ କଂଗ୍ରେସ ଶୂନ୍ୟ ହୋଇଯାଇଥିଲା। ବ୍ରହ୍ମପୁରର ସମୁଦାୟ ଜନସଂଖ୍ୟାର ପ୍ରାୟ ୪୦% ଅଛନ୍ତି ସଂଖ୍ୟାଲଘୁ ତେଲୁଗୁ। ତେବେ ପୌର ଶାସନରେ ସେମାନଙ୍କ ସଂଖ୍ୟା ଅତି କମ୍। ପୂର୍ବ ପୌର ପରିଷଦର ତେଲୁଗୁ ସମ୍ପ୍ରଦାୟର ନେତା ରାଓ ସାହେବ ପିଭି ନାରାୟଣ ରାଓ ୧୯୩୪ରୁ ୧୯୩୭ ପର୍ଯ୍ୟନ୍ତ ନଗରପାଳ ଥିଲେ। ଆଇ. ରାମମୂର୍ତ୍ତି ୧୯୩୭ ରୁ ୧୯୪୦, ପି. ନାରାୟଣ ରାଓ ୧୯୪୦ ରୁ ୧୯୪୬, ପିଏସ୍ଏନ୍ ମୂର୍ତ୍ତି ୧୯୭୪ ରୁ ୧୯୭୬, ପି. ଭୀମୁଡୁ ୧୯୯୭ ରୁ ୨୦୦୧ ନଭେମ୍ବର ୨୦ ପର୍ଯ୍ୟନ୍ତ ନଗରପାଳ ହୋଇଥିଲେ। ମହାନଗର ନିଗମ ହେବାପରେ ତେଲୁଗୁ ମହିଳା କେ. ମାଧବୀ ୨୦୧୩ ସେପ୍ଟେମ୍ବର ୩୦ ରୁ ୨୦୧୮ ସେପ୍ଟେମ୍ବର ୩୦ ଯାଏ ମେୟର ହୋଇଥିଲେ। ଦେଢ଼ ଶହ ବର୍ଷରୁ ଊର୍ଦ୍ଧ୍ୱ ଏଠାର ପୌର ସଂସ୍ଥାରେ ମାତ୍ର ୬ ଜଣ ତେଲୁଗୁ ପୁରୁଷ ଓ ମହିଳା ମେୟର ଓ ନଗରପାଳ ହୋଇଥିବା ରେକର୍ଡ ରହିଛି। ୧୯୪୯ ରୁ ୨୦୧୩ ସୁଦ୍ଧା ୨୩ ଆଇଏଏସ୍ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇଥିଲେ। ଗତ ଅକ୍ଟୋବର ପହିଲାରୁ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାପାଳ ପ୍ରଶାସକ ଭାବେ ଅବସ୍ଥାପିତ ହୋଇଛନ୍ତି। ଆଗାମୀ ପୌର ନିର୍ବାଚନରେ ମେୟର ପଦ ପାଇଁ ସିଧାସଳଖ ଭୋଟ ଗ୍ରହଣ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ତେଲୁଗୁ ସମ୍ପ୍ରଦାୟର ଉଚ୍ଚଶିକ୍ଷିତ ଓ ସାଙ୍ଗଠନିକ ଦକ୍ଷତା ଥିବା ତେଲୁଗୁ ଲୋକଙ୍କୁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ କରିବା ପାଇଁ ତେଲୁଗୁ ସଂଗଠନ ପକ୍ଷରୁ ସ୍ୱର ଉଠିଛି।



ବ୍ରହ୍ମପୁର ଗୋସାଇଁନୂଆଗାଁସ୍ଥିତ ଗୋକୁଳଧାମ ମନ୍ଦିରରେ ଦେବୀ ରୁକ୍ମିଣୀ ଏବଂ ଶ୍ରୀକୃଷ୍ଣଙ୍କ ବିବାହ ଚାଲିଛି।

## ବ୍ରହ୍ମପୁର ଡାକ ମଣ୍ଡଳର ଗ୍ରୀଷ୍ମକାଳୀନ ଶିବିର

ଛତ୍ରପୁର,୧୩।୬(ଡି.ଏନ.ଏ)

ବ୍ରହ୍ମପୁର ଡାକ ମଣ୍ଡଳ ତରଫରୁ ଛତ୍ରପୁରସ୍ଥିତ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ ଭାରପ୍ରାପ୍ତ ବରିଷ୍ଠ ଡାକ ଅଧୀକ୍ଷକ ସତ୍ୟ ନାରାୟଣ ମିଶ୍ର ଉଦଘାଟନ କରିଥିଲେ। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଡାକ ଟିକଟ ସଂଗ୍ରହ, ଢାଇ ଅକ୍ଷର ପ୍ରତିଯୋଗିତା, ଦୀନଦୟାଲ ସ୍ପର୍ଶ ମେଧାବୃତ୍ତି ପ୍ରତିଯୋଗିତା ହେବ। ବରିଷ୍ଠ ଡାକ ଟିକଟ ସଂଗ୍ରାହକ ଡ. ପ୍ରାଣଚାନ୍ଦ ପଣ୍ଡା, ରମେଶ ଚନ୍ଦ୍ର ପୁରୋହିତ, ସହକାରୀ ଡାକ ଅଧୀକ୍ଷକ ମନୋଜ କୁମାର ବେହେରା, କିରଣ ମାଳା ପଣ୍ଡା, ଓଭରସିୟର ପ୍ରକାଶ ଚନ୍ଦ୍ର ପଲାଇ, ସୁରେନ୍ଦ୍ର ନାଥ ନନ୍ଦ, କଲେଜ ଅଧକ୍ଷ ରାଜେନ୍ଦ୍ର ଦାଶ, ସିଷ୍ଟମ ଆଡମିନିଷ୍ଟ୍ରେଟର ରାମଚନ୍ଦ୍ର ପ୍ରଧାନ ଯୋଗଦେଇ ଡାକ ଟିକଟ ସଂଗ୍ରହର ଉପାଦେୟତା ଉପରେ କହିଥିଲେ। ପ୍ରଥମ ଦିନ ପତ୍ର ଲିଖନ, ଡାକ ଟିକଟ ସମ୍ବନ୍ଧୀୟ କୁଇଜ୍ ହୋଇଥିଲା। ଶେଷରେ ବ୍ରହ୍ମପୁର ଡାକ ମଣ୍ଡଳର ମାର୍କେଟିଙ୍ଗ ଏକଜିକ୍ୟୁଟିଭ୍ ଗୌରହରି ପଣ୍ଡା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବୟାଳିରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

ଗୋପାଳପୁର,୧୩।୬

ବିଜୁ କନ୍ୟାରତ୍ନ ଯୋଜନାରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଗୁରୁବାର ରଙ୍ଗେଇଲୁଣ୍ଡା ବ୍ଲକ ମନ୍ତ୍ରିଡ଼ି ପଞ୍ଚାୟତ ବୟାଳି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋସ୍ନା ପାଢ଼ୀ ଯୋଗ ଦେଇଥିଲେ। ସଦ୍ୟଜନ୍ମିତ କନ୍ୟାଙ୍କ ଘରେ ପହଞ୍ଚି ତାଙ୍କ ମା’ କସ୍ତୁରୀ ଦାସଙ୍କୁ ମିଷ୍ଟାନ୍ନ, ପୋଷାକ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପ୍ରଶଂସାପତ୍ର ପ୍ରଦାନ ସହ କେକ୍ ମଧ୍ୟ କଟା ଯାଇଥିଲା। ପୁଅ-ଝିଅ ମଧ୍ୟରେ ଭେଦଭାବ ନ ରଖି ସମାନତା ରକ୍ଷା କରି କନ୍ୟାସନ୍ତାନଙ୍କ ଯତ୍ନ ନେବାକୁ ସିଡିପିଓ ପାଢ଼ୀ କହିଥିଲେ। ଏଥିସହ କନ୍ୟାଭ୍ରୂଣ ହତ୍ୟା ରୋକିବା ସହ ଶିଶୁକନ୍ୟା ଏକ ରତ୍ନ ବୋଲି ସୁପରଭାଇଜର ଗୀତାରାଣୀ ରାଉଳ ସୂଚନା ଦେଇଥିଲେ। ଏହି ଅବସରରେ ଶାନ୍ତିଲତା ଶତପଥୀ, କେ. ଅନୀତା, ମମତା ମହାନ୍ତି, ଭାଗ୍ୟଲତା ପାତ୍ର, ସଞ୍ଜୁଲତା ପାଣିଗ୍ରାହୀ ଓ ଅଙ୍ଗନୱାଡ଼ି କର୍ମୀ, ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ସିଡିପିଓ କହିଥିଲେ।




ଶିଶୁକନ୍ୟାଙ୍କ ଘରେ ପ୍ରଶାସନ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଉଛି।

### ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

## ଅଂଶୁଘାତରେ ମୃତ୍ୟୁ ସନ୍ଦେହ

ଦିଗପହଣ୍ଡି,୧୩।୬(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ କଇଁଠଡା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ନିଖୋଜ ବୃଦ୍ଧା ଏ. ରତ୍ନାଲୁ ପ୍ରଧାନଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କଲ୍ୟାଣପୁର ଗ୍ରାମ ନିକଟ ଗାଈଡା ଘୋଡାଦେଇ ପାହାଡ ନିକଟରେ ରତ୍ନାଲୁଙ୍କ ମୃତଦେହ ପଡିଥିବା କେତେଜଣ ଗ୍ରାମବାସୀ ଦେଖିଥିଲେ। ପ୍ରକାଶ ଯେ, ରତ୍ନାଲୁ ଗତ ୪ଦିନ ତଳେ ଝିଅଘର ଜରଡାଥାନା ଗୁଣ୍ଡା ଗାଁକୁ ଯାତ୍ରା ଦେଖିବାକୁ ଯାଇଥିଲେ। ବୁଧବାର ସକାଳୁ ସେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବନ୍ଧୁ ସମ୍ପର୍କୀୟଙ୍କ ସହ ବିଭିନ୍ନ ସ୍ଥାନରେ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ଖୋଜଖବର ପାଇ ନ ଥିଲେ। ଶେଷରେ ଦିଗପହଣ୍ଡି ଥାନାରେ ଏନେଇ ଅଭିଯୋଗ କରିଥିଲେ। ବୃଦ୍ଧା ଜଣକ ଯାତ୍ରିବାହୀ ବସ୍ଯୋଗେ କଲ୍ୟାଣପୁର ଗ୍ରାମ ଛକରେ ପହଞ୍ଚିବା ପରେ ପାଦଚଲା ଜଙ୍ଗଲ ରାସ୍ତାରେ ଗାଁକୁ ଫେରୁଥିଲେ। ମାତ୍ର ବାଟଭୁଲି ପାହାଡ ନିକଟକୁ ଚାଲିଯାଇଥିଲେ। ପ୍ରଚଣ୍ଡ ଖରାଯୋଗୁ ସେଠାରେ ଅଂଶୁଘାତରେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ମୃତଦେହକୁ ପରିବାର ଲୋକେ ସନ୍ଧ୍ୟାରେ ସଂସ୍କାର କରିଛନ୍ତି।

■ ବସ୍ତି ଅଞ୍ଚଳ ଲୋକଙ୍କ ସମସ୍ୟା

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ଆଲୋଚନା

**ଗୋପାଳପୁର,୧୩।୬:** ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଓ ଟାଟା ସୋସାଇଟି ଗୋପାଳପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଗୁରୁବାର ପୂର୍ବାହ୍ନରେ ବିଶ୍ୱବ୍ୟାଙ୍କର ପ୍ରତିନିଧି ଦଳ ଓ ଟାଟା ସୋସାଇଟିର ସଦସ୍ୟମାନେ ଏନଏସିରେ ପହଞ୍ଚି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କୁ ବସ୍ତି ଅଞ୍ଚଳରେ ଥିବା ଲୋକଙ୍କ ଅର୍ଥନୈତିକ, ଘର, ଜାଗା, ପାଣି, ରାଶନ କାର୍ଡ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କି ବ୍ୟବସ୍ଥା ହେଲେ ସେମାନଙ୍କର ଉନ୍ନତି ହୋଇପାରିବ ସେନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସେହିପରି ବସ୍ତି ଅଞ୍ଚଳରେ ରହୁଥିବା ପିଲାମାନଙ୍କ ଶିକ୍ଷାର ଉନ୍ନତି ଓ ବସ୍ତି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି କି ନାହିଁ ଏବଂ ସେମାନଙ୍କୁ ଋଣ ପ୍ରଦାନ କରାଯାଇଛି କି ନାହିଁ ସେ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଗୋପାଳପୁର ଏନ୍ଏସିରେ ପାନୀୟଜଳ ଯୋଗାଣ ବିଷୟ ଉପରେ ସେ ଆଲୋଚନା କରିଥିଲେ। ଶୁକ୍ରବାର ବସ୍ତି ଅଞ୍ଚଳ ପରିଦର୍ଶନ କରାଯିବ ବୋଲି ସୂଚନା ମିଳିଛି।

## ଖବରଦାତାଙ୍କ ମାତୃବିୟୋଗ

କନିଷି,୧୩।୬(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳର ଧର୍ମପ୍ରାଣା ମହିଳା ରାଧାରାଣୀ ସାହୁ(୮୬)ଙ୍କର ଗୁରୁବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ସୁନାଦେଇ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବସନ୍ତ ସାହୁଙ୍କ ସ୍ତ୍ରୀ ଓ ଧରିତ୍ରୀ କନିଷି ଖବରଦାତା ରାମକୃଷ୍ଣ ସାହୁଙ୍କର ମା’। ତାଙ୍କ ମୃତ୍ୟୁ ଖବର ପାଇ ୫୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିନୋଦ ମିଶ୍ର, ବିଷ୍ଣୁ ନାୟକ, ସନତ ନାୟକ, ସୁକାନ୍ତ ଦାଶ, ଗଙ୍ଗାଧର ଶତପଥୀ, ଉମାଶଙ୍କର ସାହୁ, ରାଜୀବ ମିଶ୍ର, ଧର୍ମେନ୍ଦ୍ର ରାଉଳ, ସୁଦର୍ଶନ ରାଉଳ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ରାଧାରାଣୀ ଜଣେ ପରୋପକାରୀ ମହିଳା ଭାବେ ପରିଚିତ। ସ୍ୱର୍ଗତା ସାହୁଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଥିବା ବେଳେ ପୁଅ ରାମକୃଷ୍ଣ ମୁଖାଗ୍ନି ଦେଇଥିଲେ।

■ ଜିଲାସ୍ତରୀୟ ‘ମୋ ଗେହ୍ଲା ଝିଅ’କାର୍ଯ୍ୟକ୍ରମ

# ୫୦ ମା’ ହେଲେ ସମ୍ମାନିତ

ଛତ୍ରପୁର,୧୩।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲାସ୍ତରୀୟ କନ୍ୟା ସନ୍ତାନ ଜନ୍ମୋତ୍ସବ ’ମୋ ଗେହ୍ଲା ଝିଅ’ କାର୍ଯ୍ୟକ୍ରମ ଗୁରୁବାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। କନ୍ୟା ସନ୍ତାନ ଜନ୍ମ କରିଥିବା ୫୦ ମା’ଙ୍କୁ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ କେକ୍ କଟାଯାଇ ଜନ୍ମୋତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଆସିକା ଏମ୍ପି ପ୍ରମିଳା ବିଷୋୟୀ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସ୍ନେହଲତା ପଣ୍ଡା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଏମ୍ପି ବିଷୋୟୀ ଓ ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ପଣ୍ଡା, ଛତ୍ରପୁର ମୋତିବାରି ସାହିର କନ୍ୟା ସନ୍ତାନ ଜନ୍ମ ଦେଇଥିବା ପ୍ରତିମା ବେହେରା ଓ ଦୀପ୍ତିମୟୀ ସାହୁଙ୍କ ଘରକୁ ଯାଇ ସେମାନଙ୍କୁ ସମ୍ମାନିତ କରିଥିଲେ। ସେଠାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଛତ୍ରପୁର ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ଆସିକା ସିଡିପିଓ ଭାରତୀ ପାଢୀ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଭି ସରୋଜିନୀ ଦେବୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଏମାନେ କ’ଣ କୁହନ୍ତି...

ଜିଲାରେ ଝିଅ ଜନ୍ମ କମିଛି। ଗର୍ଭବତୀଠାରୁ ଆରମ୍ଭ କରି ମା’, ଶିଶୁ ମାନଙ୍କ ପାଇଁ ନବୀନ ସରକାର ବିଭିନ୍ନ ଯୋଜନା କରି ସହାୟତା ପ୍ରଦାନ କରୁଛନ୍ତି। ପୁଅ ଭଳି ଝିଅମାନଙ୍କର ମଧ୍ୟ ସମାନ ଯତ୍ନ ନେବାକୁ ପଡିବ। ଝିଅ ଗୌରବ, କନ୍ୟାରତ୍ନ ଓ ଆଦର୍ଶ ନାରୀ। ସବୁ ଝିଅକୁ ସେ ଚାହିଁବା ପର୍ଯ୍ୟନ୍ତ ପାଠ ପଢାଇବା ଜରୁରୀ।

**– ପ୍ରମିଳା ବିଷୋୟୀ, ଆସିକା ଏମ୍ପି**

ମହିଳାମାନେ ସବୁ କ୍ଷେତ୍ରରେ ଆଗରେ ଅଛନ୍ତି। ସମସ୍ତଙ୍କ ସହ ସମକକ୍ଷ ହେଲେଣି। କନ୍ୟା ସନ୍ତାନ ଜନ୍ମ କରୁଥିବା ମା’ମାନଙ୍କୁ ପ୍ରତି ମାସରେ ସମ୍ମାନିତ କରାଯାଉଛି। ଏହି କାର୍ଯ୍ୟକ୍ରମ ପ୍ରଥମେ ଗଞ୍ଜାମ ଜିଲାରେ ଆରମ୍ଭ ହୋଇଥିଲା। ଏବେ ରାଜ୍ୟ ସାରା ଏହା ଚାଲିଛି।

**– ସ୍ନେହଲତା ପଣ୍ଡା, ଜିଲା ପରିଷଦ ଅଧକ୍ଷା**

କନ୍ୟା ସନ୍ତାନ ଜନ୍ମ କରୁଥିବା ମା’ମାନଙ୍କୁ ପ୍ରତି ମାସରେ ସମ୍ମାନିତ କରାଯିବା ସହ ସ୍ୱାଗତ କରାଯାଉଛି। କନ୍ୟା ଓ ପୁଅ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ। ଗର୍ଭବତୀ, ମା’ ଓ ଶିଶୁମାନଙ୍କର ଯତ୍ନ ଓ ବିକାଶ ପାଇଁ ବିଭିନ୍ନ ଯୋଜନା ଚାଲିଛି।

**– ବିଜୟ ଅମୃତା କୁଲାଙ୍ଗେ, ଜିଲାପାଳ**

ଗଞ୍ଜାମ ଜିଲାରେ ପ୍ରତି ୧ ହଜାର ପୁରୁଷରେ ୮୯୯ମହିଳା ଅଛନ୍ତି। ଏହି ସଂଖ୍ୟାକୁ ବଢାଇବା ପାଇଁ ଏହା ଏକ ଅଭିନବ ପ୍ରୟାସ। ସବୁ ଯୁଗରେ ମହିଳାମାନେ ସମ୍ମାନ ପାଉଥିଲେ ଏବଂ ଆଗରେ ରହୁଥିଲେ। ଏବେ ଆଧୁନିକ ଯୁଗରେ ମହିଳାମାନଙ୍କୁ ଅବହେଳା କରାଯାଉଛି।

**– ଡା. ବିଜୟ ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ**



ମା’ ମାନଙ୍କୁ ସମ୍ମାନିତ କରାଯାଉଛି।

■ ଛତ୍ରପୁର ବିଧାୟକଙ୍କ ସମୀକ୍ଷା

# ୧.୫୦ କୋଟି ବ୍ୟୟରେ ପିଲି ବନ୍ଧ ବିକାଶ ଯୋଜନା

ଛତ୍ରପୁର,୧୩।୬(ଡି.ଏନ.ଏ.)

ଛତ୍ରପୁର ଏନଏସି କାର୍ଯ୍ୟାଳୟରେ ଗୁରୁବାର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲେଚାନା କରିଛନ୍ତି। ଏଣିକି ଉନ୍ନୟନମୂଳକ ସବୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୋଜନା ଅନୁଯାୟୀ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିସହ ବର୍ଜ୍ୟବସ୍ତୁ ପରିଚାଳନା, ସଫେଇ, ପିଲି ବନ୍ଧର ବିକାଶ, ଜନସାଧାରଣଙ୍କୁ ଉଚିତ୍ ସେବା ଯୋଗାଇବା, ରାଜସ୍ୱ ବୃଦ୍ଧିକୁ ମଧ୍ୟ ସେ ଆଲୋଚନାରେ ଗୁରୁତ୍ୱାରୋପ କରିଥିଲେ।

ଛତ୍ରପୁର ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା କାମ କରିବାକୁ ବିଧାୟକ କହିଥିଲେ। ଏଥିପାଇଁ ଯାହା ସହଯୋଗ ଆବଶ୍ୟକ ଯୋଗାଇ ଦେବାକୁ ଉଦ୍ୟମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସହରର ବିକାଶ ପାଇଁ ଆଗାମୀ ଦିନରେ ବୁଦ୍ଧିଜୀବୀମାନଙ୍କ ସହ ବୈଠକ କରି ସେମାନଙ୍କ ମତାମତ ନେବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ରାଜ୍ୟ ସରକାରଙ୍କ ସ୍ତରରେ ପଦକ୍ଷେପ ନିଆଯାଉଥିବା ବିଧାୟକ ସୂଚନା ଦେଇଥିଲେ। ଅଗସ୍ତିନୂଆଗାଁ ନିକଟରେ ୫ ଏକର ଜମି ମିଳିଛି। ସେଠାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଥିଲେ। ଛତ୍ରପୁରରେ ଥିବା ପୁରୁଣା ମାର୍କେଟ ଭାଙ୍ଗି ମଡେଲ ମାର୍କେଟ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଗତବର୍ଷ ୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା। ଛତ୍ରପୁରରେ ଥିବା ଡ୍ରେନେଜ ସମସ୍ୟା ଏବଂ ଷ୍ଟ୍ରିଟ୍ ଲାଇଟ୍ ମରାମତି ସମ୍ପର୍କରେ ଲିଖିତ ଭାବେ ଜଣାଇଲେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ କହିଥିଲେ। ପାଣି ଯୋଗାଣ ପାଇଁ ଆହୁରି ସମ୍ପ ଓ ଓଭରହେଡ୍ ଟ୍ୟାଙ୍କ୍ ଆବଶ୍ୟକ ଥିବା ଆଲୋଚନା ହୋଇଥିଲା। ଛତ୍ରପୁରରେ ଭେଣ୍ଡିଂ ଜୋନ୍ ଏବଂ ମନୋରଞ୍ଜନ ପାଇଁ ସୁବିଧା ନାହିଁ। ଏବେ ଓପନ୍ ଏୟାର ଜିମ୍ ଖୋଲାଯାଉଛି। ଆହୁରି ଗୋଟିଏ ସ୍ଥାନରେ ଏହା ସ୍ଥାପନ କରାଯିବ ବୋଲି ଏନଏସି ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ବ୍ରିଟିଶ ଅମଳର ପିଲି ବନ୍ଧର ସଫେଇ ଚାଲିଛି। ୧.୫୦ କୋଟି ଟଙ୍କା ବ୍ୟୟରେ ଏହାର ସୌନ୍ଦର୍ଯ୍ୟକରଣ, ମ୍ୟୁଜିକାଲ ଫାଉଣ୍ଟେନ୍, ଟଏ ଆଦି ବ୍ୟବସ୍ଥା କରାଯିବା ଯୋଜନା ରହିଛି। ସହରର ପ୍ରବେଶ ପଥ ତଥା ଗ୍ରୀଡ୍ ଛକଠାରେ ଫାଉଣ୍ଟେନ୍ ଓ ଆକର୍ଷଣୀୟ ଗେଟ୍ ସ୍ଥାପନ କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଆଲୋଚନା ବେଳେ ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି ଓ ଟି. ଚନ୍ଦ୍ରଶେଖର ରାଓ, ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ ବେହେରା, ଜି. ପାପା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଏନଏସିର ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟମାନେ।

■ଆଦର୍ଶ ସହର କରିବାକୁ ଲକ୍ଷ୍ୟ
■ବର୍ଜ୍ୟବସ୍ତୁ ପ୍ଲାଣ୍ଟ ପାଇଁ ମିଳିଲା ଜମି

## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ, ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୩।୬:** ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଥିବା ଜଣେ ଛାତ୍ରୀଙ୍କର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ଛୁଟିକି ବେହେରା (୧୬) । ଘର ଗୋଲାପଲ୍ଲୀ ଅନୁସୂଚିତ ଜାତି କଲୋନୀ ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି। ପୋଲିସ ମୃତଦେହ ଜବତ କରି ନଂ. ୩୦୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମେ ୨୭ ତାରିଖରେ ଛୁଟିକି ଚୁନି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ପାଟି ଶୁଣି ଘରେ ଥିବା ଭାଇ ସୁଲତାନ ବେହେରା ତାଙ୍କୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ । ଗୁରୁବାର ପୂର୍ବାହ୍ନ ୧୦ଟାରେ ଛାତ୍ରୀ ଜଣଙ୍କର ମୃତ୍ୟୁ ହୋଇଥିଲା। କୌଣସି ମାନସିକ ଦୁଶ୍ଚିନ୍ତାରୁ ଛୁଟିକି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ କହିଛି ।

### ଗଞ୍ଜାମରେ ହେଉ ସେଲ୍ ପକ୍ଷରୁ ଷ୍ଟିଲ ପ୍ଲାଣ୍ଟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସାମାଜିକକର୍ମୀଙ୍କ ପତ୍ର

**ବ୍ରହ୍ମପୁର ଅଫିସ,୧୩।୬:** ରାଷ୍ଟ୍ରାୟତ୍ତ ଇସ୍ପାତ କମ୍ପାନୀ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ (ସେଲ) ପକ୍ଷରୁ ଓଡିଶାର ସମୁଦ୍ର ଉପକୂଳ ଅଞ୍ଚଳରେ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି। ତେବେ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ଲାଣ୍ଟ ଗଞ୍ଜାମର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ଥାପନ କରିବାକୁ ଦାବି ହୋଇଛି। ଏନେଇ ବ୍ରହ୍ମପୁରର ଯୁବନେତା ତଥା ସାମାଜିକକର୍ମୀ ବୁଧବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ମାଧମରେ ଅନୁରୋଧ କରିଥିବା ସୂଚନା ମିଳିଛି । ଗଞ୍ଜାମ ରାଜ୍ୟର ସର୍ବାଧିକ ଜନସଂଖ୍ୟା ଭିତ୍ତିକ ଜିଲା । ପ୍ରତିବର୍ଷ ଆଇଟିଆଇ, ଡିପ୍ଲୋମା, ଡିଗ୍ରୀ ଇଞ୍ଜିନିୟରିଂ କଲେଜ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ହଜାର ହଜାର ଯୁବତୀଯୁବକ ପାସ କରୁଛନ୍ତି। କିନ୍ତୁ ଜିଲାରେ ବୃହତ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ ନ ଥିବାରୁ ଯୁବପିଢି ଦାଦନ ଓ ନିଯୁକ୍ତି ଆଶାରେ ବାହାର ରାଜ୍ୟକୁ ଯାଉଛନ୍ତି । ତେଣୁ ଉପରୋକ୍ତ ବିଷୟ ଉପରେ ବିଚାର କରି ଗଞ୍ଜାମ ସମୁଦ୍ର ଉପକୂଳରେ ସେଲ ଦ୍ୱାରା ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେବାକୁ ସେ ଚିଠିରେ ଦର୍ଶାଇଛନ୍ତି । ଉକ୍ତ ଚିଠିର ଏକ ନକଲ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟକୁ ମଧ ପଠାଇଥିବା ସାମାଜିକକର୍ମୀ ତୁମ୍ଭେଶ୍ୱର ନାୟକ କହିଛନ୍ତି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଜିଲାସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ସମ୍ମିଳନୀ

# ସଫଳତାର ପ୍ରଚାର କରିବ ସରକାରୀ ସ୍କୁଲ

■ଅଭିଭାବକଙ୍କ ବିଶ୍ୱାସ ଫେରାଇବାକୁ ଯୋଜନା
■ଶୃଙ୍ଖଳିତ ହେବାକୁ ଶିକ୍ଷକମାନଙ୍କୁ ପରାମର୍ଶ
■ସ୍କୁଲ ପରିସର ସଫା ରଖିବାକୁ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ୍,୧୩।୬**

ରାସ୍ତାଘାଟ ସବୁଆଡ଼େ ଘରୋଇ ସ୍କୁଲଗୁଡ଼ିକର ବିଜ୍ଞାପନ ଦେଖିବାକୁ ମିଳୁଛି। ଭିତ୍ତିଭୂମି, ସଫଳତା, ଶିକ୍ଷାଦାନ ପଦ୍ଧତି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ପ୍ରଚାର କରାଯାଉଛି। ଫଳରେ ଅଭିଭାବକମାନଙ୍କ ମନରେ ଧାରଣା ହେଉଛି, ଘରୋଇ ସ୍କୁଲରେ ସେମାନଙ୍କ ପିଲାଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଏହି ଧାରାକୁ ବଦଳାଇବାକୁ ପଡ଼ିବ । ସରକାରୀ ସ୍କୁଲଗୁଡ଼ିକ ମଧ୍ୟ କୌଣସି ଗୁଣରେ କମ୍ ନୁହଁ । ହେଲେ ପ୍ରଚାର ପ୍ରସାରର ଅଭାବ ରହିଛି । ପାଠପଢ଼ା ହେଉନି, ଶିକ୍ଷକମାନେ ଭଲ ନୁହନ୍ତି, ଭଳି ଅନେକ ଭ୍ରାନ୍ତ ଧାରଣା ସରକାରୀ ସ୍କୁଲ ବିଷୟରେ ଅଭିଭାବକଙ୍କ ମନରେ ରହିଛି। ଏଣୁ ସରକାରୀ ସ୍କୁଲ ପ୍ରତି ଅଭିଭାବକଙ୍କ ବିଶ୍ୱାସ ଫେରାଇ ଆଣିବାକୁ ହେବ। ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲଗୁଡ଼ିକ ମଧ୍ୟ ନିଜର ସଫଳତା, ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ବିଷୟର ପ୍ରଚାର କରାଯିବ । ଫଳରେ ସରକାରୀ ସ୍କୁଲରେ ମଧ୍ୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରକାଶ କରିଛନ୍ତି। ଗୁରୁବାର ଆଇଟିଆଇ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲାସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମ୍ମିଳନୀରେ ଯୋଗଦେଇ ଜିଲାପାଳ କୁଲାଙ୍ଗେ



ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ 'ପଲିଥିନ୍ ମୁକ୍ତ ଗଞ୍ଜାମ' ପାଇଁ ଶପଥ ନେଉଛନ୍ତି ।

ଉପରୋକ୍ତ ମତ ଦେଇଥିଲେ ।

ଏଥିସହ ଜିଲାପାଳ କୁଲାଙ୍ଗେ କହିଥିଲେ, ଶିକ୍ଷକଙ୍କ ବ୍ୟବହାର, ଶିକ୍ଷାଦାନ ଶୈଳୀ ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ । ଯଦି ଶିକ୍ଷକ ଶ୍ରେଣୀ ଗୃହରେ ପଢ଼ାଇବା ବଦଳରେ ମୋବାଇଲ୍ ଫୋନରେ ବ୍ୟସ୍ତ ରହିବେ, ପିଲାମାନେ ମଧ୍ୟ ତାହା ହିଁ ଶିଖିବେ । ଯଦି ଶିକ୍ଷକମାନେ ତମାଖୁ ସେବନ କରିବେ, ପିଲାମାନେ ମଧ୍ୟ ଶିଖିବେ । ଏଣୁ ଶିକ୍ଷକମାନେ ନିଜେ ଶୃଙ୍ଖଳିତ ହୁଅନ୍ତୁ । ସଫା ୟୁନିଫର୍ମରେ ଆସନ୍ତୁ, ତମାଖୁ ଛାଡ଼ନ୍ତୁ । ମୋବାଇଲ୍ ଫୋନ ବ୍ୟବହାର ପଢ଼ାଇବା ବେଳେ ବନ୍ଦ କରନ୍ତୁ । ଯେଉଁମାନେ ଏହାକୁ ପାଳନ କରିବେ ନାହିଁ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କୁଲାଙ୍ଗେ ଚେତାବନୀ ଦେଇଥିଲେ । ପ୍ରଶାସନ ତରଫରୁ ଏକ ଆପ୍ ପ୍ରସ୍ତୁତ ହେଉଛି। ଏହି ଆପ୍‌ରେ ବିଭିନ୍ନ ବିଷୟ ରହିବ, ଯାହା ଫଳରେ ପିଲାମାନେ ମୋବାଇଲ୍‌ରେ ପାଠ ପଢ଼ିପାରିବେ । ପ୍ରତ୍ୟେକ ସ୍କୁଲରେ ସମସ୍ତ ପିଲା ଦୈନିକ ଉପସ୍ଥିତ ରହୁଛନ୍ତି ନା ନାହିଁ, ତାକୁ ଗୁରୁତ୍ୱ ଦିଆଯିବ । ଯଦି କୌଣସି ପିଲା ସ୍କୁଲ ଛାଡୁଛି, ତେବେ ତାକୁ ସ୍କୁଲକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ । ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା କରାଯିବ। ହୋଟେଲ୍, ଗ୍ୟାରେଜ୍‌କୁ ଅନ୍ୟ କୌଣସିଠାରେ ଶିଶୁ ଶ୍ରମିକ ଦେଖିଲେ, ଶିକ୍ଷକମାନେ ତୁରନ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦିଅନ୍ତୁ । ସରକାରୀ ସ୍କୁଲରେ ଉପସ୍ଥାନ ବଢ଼ାଇବା ସହ ଗୁଣାତ୍ମକ ଶିକ୍ଷାଦାନ ପାଇଁ ସମସ୍ତେ ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଜିଲାପାଳ କୁଲାଙ୍ଗେ ପ୍ରକାଶ କରିଥିଲେ। ଗଞ୍ଜାମ ଜିଲାକୁ ପଲିଥିନ୍‌ମୁକ୍ତ କରିବା ପାଇଁ ଏହି ଅବସରରେ ଜିଲାପାଳ କୁଲାଙ୍ଗେ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶପଥପାଠ କରାଇଥିଲେ । ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ସମ୍ମିଳନୀରେ ଅଧ୍ୟକ୍ଷତା କରି ଦଶମ ବୋର୍ଡ଼ ପରୀକ୍ଷାରେ ଶତ ପ୍ରତିଶତ ସଫଳତା, ପ୍ରତ୍ୟେକ ବିଦ୍ୟାଳୟରେ ପ୍ରତ୍ୟେକ ଶ୍ରେଣୀରେ ବକ୍ସ ଲାଇବ୍ରେରୀ, ପ୍ରାର୍ଥନା ସଭାରେ ସ୍କୁଲର ସାପ୍ତାହିକ କାର୍ଯ୍ୟକ୍ରମ ପ୍ରେରଣା ତଥା ଜିଲାରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ସଡ଼କ ସୁରକ୍ଷା, ଡେଙ୍ଗୁ ଏବଂ ମ୍ୟାଲେରିଆ ନିରାକରଣ ସମ୍ପର୍କରେ ଏଣିକି ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ 'ସାଥ୍-ଇ'ର ଜିଲା ପ୍ରକଳ୍ପ ସଂଯୋଜିକା ବିନୀତା ସେନାପତି, ଆଇଟିଆଇର ଅଧ୍ୟକ୍ଷ ରଜତ କୁମାର ପାଣିଗ୍ରାହୀ, ମୋ ସ୍କୁଲର କାର୍ଯ୍ୟକ୍ରମ ଅଧିକାରୀ ପ୍ରଶାନ୍ତ କୁମାର ରଥ ଯୋଗ ଦେଇଥିଲେ । କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍.ଗିରିଧର ଶାଳାସିଦ୍ଧି ସମ୍ପର୍କରେ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ସ୍କାଉଟ୍ ଏବଂ ରେଡ୍‌କ୍ରସ୍ ବିଷୟରେ, ଡିଏସ୍‌ଟିର ସଂଯୋଜିକା ପ୍ରଜ୍ଞା ଋତୁପର୍ଣ୍ଣା ଇନ୍‌ସ୍ପାଏର୍ ଆୱାର୍ଡ଼ ମାନକ ବିଷୟରେ, ଜିଲା ବିଜ୍ଞାନ ନିରୀକ୍ଷକ ପନ୍ନଗ ଭୂଷଣ ମାଝି ବିଜ୍ଞାନ ଏବଂ ଉତ୍କର୍ଷ କାର୍ଯ୍ୟକ୍ରମ ବିଷୟରେ, ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ବନମହୋତ୍ସବ ଏବଂ ଇକୋ କ୍ଲବ ବିଷୟରେ, ଅମରେଶ ପଟ୍ଟନାୟକ ଆଇସିଟି ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଶେଷରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତୀ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଏ. ଶରତ କୁମାର, ସରୋଜ ଦାସ, ଶ୍ରୀକାନ୍ତ ଶତପଥୀ ଓ ସୁଧାଂଶୁ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ । ଆଦର୍ଶ ବିଦ୍ୟାଳୟ ସମେତ ସମସ୍ତ ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

## ରକ୍ତଦାନ କଲେ ରକ୍ତ ଭଣ୍ଡାର କର୍ମଚାରୀ

**ବ୍ରହ୍ମପୁର ଅଫିସ୍,୧୩।୬**

ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଗୁଣ୍ଡବନ୍ଧ, ମାରୱାଡି ମହିଳା ସମିତି, ନେଚର୍ସ ଲଭର୍ସ ଓଡିଶା, ବକ୍ସିଂ ଓଡିଶାର ମିଳିତ ଆନୁକୂଲ୍ୟରେ ଏବଂ ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରବଳ ଗ୍ରୀଷ୍ମରେ ରକ୍ତ ଅଭାବକୁ ଦୂର କରିବା ଏବଂ ସ୍ୱେଚ୍ଛାକୃତ ରକ୍ତଦାତା ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଆସନ୍ତୁ ଗଢିବା ରକ୍ତ ସମ୍ପର୍କ'ର ଏହା ଥିଲା ଦ୍ୱାଦଶ ତମ ରକ୍ତଦାନ ଶିବିର। ଶୁକ୍ରବାର ବିଶ୍ୱ ରକ୍ତଦାତା ଦିବସ ଥିବା ବେଳେ ଏହାର ଦିନକ ପୂର୍ବରୁ ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତଦାନ କରି ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ରକ୍ତ ଭଣ୍ଡାର ଡା.ରଶ୍ମିତା ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସୁଶାନ୍ତ କୁମାର ପ୍ରଧାନ,ଗୋପାଳ କୃଷ୍ଣ ପଣ୍ଡା, ସୁଶାନ୍ତ କୁମାର ପାଣିଗ୍ରାହୀ, ଚିନ୍ମୟ କୁମାର ବେହେରା, ବସନ୍ତ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

କୁମାର ବେହେରା, ସୁନିଲ, ବିଶ୍ୱଜିତ ମହାରଣା, ନାଗ ଭୂଷଣ ରେଡ୍ଡୀ, ଅଜିତ କୁମାର ଡାକୁଆ, ଦେବେନ୍ଦ୍ର ବେଗରତ, ରାମହରି ପଣ୍ଡା ଓ ଡମ୍ବରୁ ବାହାଦୁର ପ୍ରମୁଖ ରକ୍ତଦାନ କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ବିନୋଦ କୁମାର ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ସମୁଦାୟ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ପରିଷଦ ସଭାପତି ସାଗର କୁମାର ପାତ୍ର, ବନମାଳୀ ପ୍ରଧାନ, ଦୀପକ ପାତ୍ର, ପ୍ରକାଶ, ବକ୍ସିଂ ଓଡିଶା ସମ୍ପାଦକ କବିରାଜ ଗୌଡ, ମହିଳା ସମିତି ସଭ୍ୟା ମମତା ସରାଫ୍, ଏମ୍.ଭେଙ୍କଟ ରାମାଣା ଏବଂ ନେଚର୍ସ ଲଭର୍ସ ଓଡିଶା ଆବାହକ ଶ୍ରୀନିବାସ ରାଜନାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି ଶିବିରକୁ ମିଶାଇ ମୋଟ ୧୨ଟି ଶିବିରରେ ସମୁଦାୟ ୧୯୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।

## ଟ୍ରେନରୁ ଖସି ଯୁବକ ମୃତ

**ବ୍ରହ୍ମପୁର ଅଫିସ,୧୩।୬**

ରେଳବାଇ ଥାନା (ଜିଆରପି) ଅନ୍ତର୍ଗତ ଗିରିସୋଲା ଓ ଗୋଲନ୍ଥରା ମଧ୍ୟରେ ଟ୍ରେନରୁ ଖସି ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି । ମୃତ ଯୁବକ ଆସାମର ପୋଲପାରା ଜିଲା ଧୂପଧାରା ଥାନା ଅନ୍ତର୍ଗତ ଚେକୱାରି ଗ୍ରାମର ମହେଶ୍ୱର ରାଭା (୨୧) ବୋଲି ଜିଆରପି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଗୁରୁବାର ଗିରିସୋଲା-ଗୋଲନ୍ଥରା ମଧ୍ୟରେ ରେଳ ଧାରଣାରେ ଜଣେ ଯୁବକ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଖବର ପାଇ ଗୋଲନ୍ଥରା ଷ୍ଟେଶନ ମାଷ୍ଟର ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ଡ଼ାକ୍ତର ଉକ୍ତ ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଆରପି ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ନଂ. ୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମହେଶ୍ୱର ଓ ତାଙ୍କ ଗ୍ରାମର କେତେକ ଯୁବକ ସିକନ୍ଦରାବାଦରେ ରହି ପାଇପ କାମରେ ନିୟୋଜିତ ଥିଲେ । ସେମାନଙ୍କ ମଧ୍ୟରୁ ମହେଶ୍ୱର, ବିଶ୍ୱଜିତ ରାଭା ଓ ଦିବାକର ରାଭା ହୋୱଡ଼ା ଫେରୁଥିଲେ। ଟ୍ରେନ ଭିତରେ ଗରମ ଯୋଗୁ ମହେଶ୍ୱର ବଗିର ମୁଖ୍ୟ ଫାଟକ ନିକଟରେ ଆସି ବସିଥିଲେ । ଅସାବଧାନତା ଯୋଗୁ ସେ ଖସି ପଡ଼ିଥିଲେ ।

## ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା

**ବ୍ରହ୍ମପୁର ଅଫିସ,୧୩।୬**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ତଥା ରାତ୍ରି ଜଗୁଆଳି ମନମୋହନ ପାଢୀ ବୁଧବାର ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସ୍ୱର୍ଗତ ପାଢୀଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ରଞ୍ଜନ ବିଶ୍ୱାଳ, ଉପକୁଳ ସଚିବ ଡ. ବାବୁଜୀ ସାମଲ, ପ୍ରତାପ କୁମାର ରାଉତ, ଶଙ୍କର ମାଝି, ପ୍ରମୋଦ ସାହୁ, ଆଭା ପଟ୍ଟନାୟକ, ସୁଜାତା ମୁଖାର୍ଜୀ, ସରୋଜ ଦାଶ, ଡି. ରୁକ୍ମିଣୀ, ସୂର୍ଯ୍ୟ ପ୍ରକାଶ ରାଓ ଏବଂ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମନମୋହନ ଦୀର୍ଘ ବର୍ଷ ଧରି ବିଶ୍ୱବିଦ୍ୟାଳୟର ରାତ୍ରି ଜଗୁଆଳି ଭାବେ କାର୍ଯ୍ୟରତ ଥିଲେ । ବୁଧବାର ବିଶ୍ୱବିଦ୍ୟାଳୟରେ ଡ୍ୟୁଟି କରିବାକୁ ଆସିବା ବେଳେ ଏକ ଟ୍ରକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡିଛି ।



ସ୍ମୃତିଚାରଣ ସଭାରେ ଭାରପ୍ରାପ୍ତ କୁଳପତି, କୁଳସଚିବ ଓ ଅନ୍ୟମାନେ ।

■ ଜୁଆଖେଳକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ

## ବନ୍ଧୁକ, ବୋମା, ଖଣ୍ଡା ଜବତ: ୧୦ ଗିରଫ

**ବ୍ରହ୍ମପୁର ଅଫିସ,୧୩।୬**

ବ୍ରହ୍ମପୁର ସହରରେ ପୁଣିଥରେ ଗ୍ୟାଙ୍ଗ ୱାର ଦେଖିବାକୁ ମିଳିଛି। ଗୁରୁବାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଶୋକନଗରରେ ଦୁଇ ଗୋଷ୍ଠୀ ବନ୍ଧୁକ, ଖଣ୍ଡା ଓ ବୋମା ଧରି ମୁହାଁମୁହିଁ ହେବା ସହ ଆତଙ୍କ ଚଳାଇଛନ୍ତି। ବୈଦ୍ୟନାଥପୁର ପୋଲିସ ଏହି ଗ୍ୟାଙ୍ଗୱାରକୁ ରୋକିଛି। ଉଭୟ ଗୋଷ୍ଠୀର ୧୦ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି । ଅଶୋକ ନଗର ଅଞ୍ଚଳରେ ଜୁଆଖେଳ ଚଳାଇଥିବା ଶନ୍ତୁ ଓରଫ ସନ୍ତୋଷ ପାତ୍ରଙ୍କ ସମେତ ତାଙ୍କ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିଛି। ସେହିପରି ଗେଟବଜାର ଗୋଲାପଲି ଅଞ୍ଚଳରେ ଜୁଆଖେଳ ଚଳାଇଥିବା ଅନ୍ୟ ଏକ ଗ୍ୟାଙ୍ଗ ଲିଡର ମିଟୁ ଘଡ଼େଇଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଶନ୍ତୁ ଓରଫ ସନ୍ତୋଷ ପାତ୍ର, କିରଣ ସାହୁ, କେଦାର ସାହୁ, ସଞ୍ଜୟ ପାତ୍ର, ଦଣ୍ଡପାଣି ପାତ୍ର, ଜୀତୁ ପଣ୍ଡା ଓ ଅନ୍ୟ ଗୋଷ୍ଠୀର ମିଟୁ ଘଡ଼େଇ, ଗଣେଶ ଘଡ଼େଇ, ରମେଶ ଘଡ଼େଇ ଓ ବିକାଶ ବେହେରା । ମାମଲା ନଂ.୧୧୫/୧୯ରେ ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସାରଦା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ପୋଲିସ ସନ୍ତୋଷଙ୍କଠାରୁ ଗୋଟିଏ ବନ୍ଧୁକ, ୨ଟି ଖଣ୍ଡା ଓ ଦୁଇଟି ବୋମା ଜବତ କରିଥିବା ବେଳେ ମିଟୁ ଘଡ଼େଇଙ୍କ ଠାରୁ ୨ ଖଣ୍ଡା, ଦୁଇବୋମା, ୧୨ ଶହ ଟଙ୍କା ଜବତ କରିଛି । ସହରରେ ଜୁଆଖେଳକୁ ଏହି ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ଗୁରୁବାର ଉଭୟ ଗୋଷ୍ଠୀ ଅଶୋକ ନଗର ଅଞ୍ଚଳରେ ମୁହାଁମୁହିଁ ହୋଇଥିଲେ । ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଉଭୟ ଗୋଷ୍ଠୀର ୧୦ ଜଣଙ୍କୁ କାବୁ କରିଥିଲା। ଅନ୍ୟ କେତେକ ଅପରାଧୀ ଖସି ପଳାଇ ଯାଇଥିବା ଏସ୍‌ଡିପିଓ ପତି କହିଛନ୍ତି । ସେମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି ।

■ ବିଏମ୍‌ସିରେ ଜାନିବିଲି ସମୀକ୍ଷା ବୈଠକ

## ଉଦ୍‌ଘାଟନର ୩ ମାସ ପରେ ବି ସରୁନି ପ୍ରକଳ୍ପ କାମ

■ଜଳଯୋଗାଣ, ରାସ୍ତା ନିର୍ମାଣକୁ ଗୁରୁତ୍ୱ
■୨ ସପ୍ତାହରେ ରାସ୍ତା ନିର୍ମାଣ, ଜଳଯୋଗାଣ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୧୩।୬**

ବ୍ରହ୍ମପୁରରେ ଖରାଦିନେ ଉତ୍କଟ ହେଉଥିବା ପାନୀୟ ଜଳ ସଙ୍କଟ ଦୂର କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାନିବିଲି ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାର୍ଚ୍ଚ ୩ରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କିନ୍ତୁ ଏଯାଏ ପ୍ରକଳ୍ପରୁ ଜଳଯୋଗାଣ ହୋଇପାରି ନାହିଁ। ଖରାଦିନେ ଜଳକଷ୍ଟ ସାଙ୍ଗକୁ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ସଂସ୍ଥା ପକ୍ଷରୁ ପାଇପ ବିଛାଇବା ନାଁରେ ମନଇଚ୍ଛା ରାସ୍ତା ଖୋଳା କାର୍ଯ୍ୟ ସହରବାସୀଙ୍କୁ ଅତିଷ୍ଠ କରିଛି। ଗୁରୁବାର ବ୍ରହ୍ମପୁର ମହାନଗର ନିଗମ ସ୍ୱତନ୍ତ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଜାନିବିଲି ପ୍ରକଳ୍ପର ସମୀକ୍ଷା ବୈଠକରେ ଏନେଇ ଗୁରୁତ୍ୱ ଦିଆଯାଇଛି। ନିର୍ମାଣ କାର୍ଯ୍ୟ ଯୋଗୁ ବର୍ଷାଦିନେ ଯେପରି ସହରବାସୀଙ୍କୁ କୌଣସି ସମସ୍ୟା ନ ହୁଏ ସେ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗୁରୁବାର ମଧ୍ୟାହ୍ନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଜାନିବିଲି ପ୍ରକଳ୍ପକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର



ବୈଠକରେ ଜିଲାପାଳ, ଏମ୍‌ପି, ବିଧାୟକ, କମିଶନର ଓ ଅନ୍ୟ ଅଧିକାରୀ ।

ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ଜାନିବିଲି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଯୋଗୁ ସହରବାସୀ ଭୋଗୁଥିବା ଅସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ଘରୋଇ ସଂସ୍ଥାକୁ ପାଇପ ବିଛାଇବା ପରେ ତୁରନ୍ତ ରାସ୍ତା ମରାମତି କରିବାକୁ କୁହାଯାଇଥିଲା। ଆଗକୁ ବର୍ଷାଦିନ ଆସୁଛି। ଜାନିବିଲି ନିର୍ମାଣ କାର୍ଯ୍ୟ ଯେପରି ବର୍ଷାଦିନେ ସହରବାସୀଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି ନ କରେ, ସେ ଉପରେ ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଆସନ୍ତା ୨ ସପ୍ତାହ ମଧ୍ୟ ରାସ୍ତା ମରାମତି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜାନିବିଲି ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବିଏମ୍‌ସି, ଜାତୀୟ ରାଜପଥ ବିଭାଗ, ଆରଏଣ୍ଡବିକୁ ତଦାରଖ କରିବାକୁ କୁହାଯାଇଥିଲା। ଜାନିବିଲି ଆନିକଟରୁ ଜଳ ନିଷ୍କାସନ ତଥା ପରିଚାଳନା କରୁଥିବା ଜଳସେଚନ ବିଭାଗ ଯୋଗୁ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ଆସନ୍ତା ୧୬ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରି ଜଳଯୋଗାଣ ସ୍ୱାଭାବିକ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଓ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସୀତାରାମ ପଣ୍ଡାଙ୍କ ସମେତ ଏଲଏଣ୍ଡଟି ସଂସ୍ଥା ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଜାନିବିଲି ପ୍ରକଳ୍ପ ଉଦ୍‌ଘାଟନକୁ ଇତି ମଧ୍ୟରେ ୩ମାସ ବିତିଛି। ତଥାପି ଏଯାଏ ସହରର ସମସ୍ତ ଅଞ୍ଚଳକୁ ପାଇପ ବିଛା କାର୍ଯ୍ୟ ଶେଷ ହୋଇନାହିଁ। ଜଳଯୋଗାଣ ଓ ବିଶୋଧନ ନିମିତ୍ତ ଜଗଦଳପୁରରେ କୋଟି କୋଟି ଟଙ୍କା ବ୍ୟୟରେ ବିଶୋଧନାଗାର ନିର୍ମାଣ ହୋଇଥିଲେ ମଧ ଏଯାଏ ପ୍ଲାଣ୍ଟ କାର୍ଯ୍ୟ ସରିନି। ଉଦ୍‌ଘାଟନର ମାତ୍ର ଦୁଇଦିନ ପ୍ଲାଣ୍ଟ ବନ୍ଦ ହୋଇଯାଇଥିବା ମଧ ଅଭିଯୋଗ ହେଉଛି। ଏହାବ୍ୟତୀତ ଉଦ୍‌ଘାଟନ ବେଳେ ମାସକ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ୧୦ ୱାର୍ଡକୁ ଜାନିବିଲିରେ ଜଳଯୋଗାଣ ହେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଯାଏ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ଅଞ୍ଚଳକୁ ଜାନିବିଲି ଜଳ ଯୋଗାଣ ତ ଦୂରେ ଥାଉ ବରଂ ପୂର୍ବରୁ ଆସୁଥିବା ଜଳଯୋଗାଣ ମଧ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ପ୍ରଶାସନ ଏସବୁର ଅନୁଧ୍ୟାନ ତଥା ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରିବା ପରିବର୍ତ୍ତେ କେବଳ ସମୀକ୍ଷା ବୈଠକ କରି ଦାୟିତ୍ୱ ସାରୁଥିବା ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

**ଝୁମ୍ପୁରା, ୧୩।୬(ଡି.ଏନ୍.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କମଳପୁର ଗାଁରେ ବୁଧବାର ସନ୍ଧ୍ୟା ସମୟରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିବା ବାମେବାରୀ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ପ୍ରଦୀପ ମୁଣ୍ଡା (୨୫ ବର୍ଷ)। ସୂଚନା ଅନୁଯାୟୀ, ପ୍ରଦୀପ ଘର ବାହାରେ ଥିବା ସମୟରେ ବଜ୍ରପାତ ହୋଇଥିଲା ଏବଂ ସେ ଘଟଣାସ୍ଥଳରେ ହିଁ ଗୁରୁତର ହୋଇପଡ଼ିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପ୍ରଦୀପଙ୍କୁ ରାତି ୧୦ଟାରେ ଝୁମ୍ପୁରା ଡାକ୍ତରଖାନାକୁ ଅଣାଯାଇଥିଲା, ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଖବର ପାଇ ବାମେବାରୀ ପୋଲିସ ଗୁରୁବାର ଝୁମ୍ପୁରା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦୧୯) ରୁଜୁକରି ତଦନ୍ତ ଚଳାଇଛି।

### ନଳକୂପରୁ ପାଣି ବୋହୁଛନ୍ତି ଶିଶୁ ଶ୍ରମିକ

**ଆନନ୍ଦପୁର,୧୩। ୬(ସ୍ୱ.ପ୍ର.):** ଆନନ୍ଦପୁର ଫକୀରମୋହନ ଅଞ୍ଚଳର ବଜାରରେ ଜଣେ ଶିଶୁ ଶ୍ରମିକ ପାଣି ବୋହୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ଶିଶୁ ବହୁ କଷ୍ଟରେ ନଳକୂପରୁ ପାଣି ବାହାର କରି ଦୁଇ ଗୋଟି ବାଲଟି ଯୋଗେ ସ୍ଥାନୀୟ ଏକ ଜଳଖିଆ ଦୋକାନକୁ ଯୋଗାଣ କରୁଥିବା ଘଟଣା ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଅଗୋଚରରେ ରହିଛି। ସଂପୃକ୍ତ ନାବାଳକ ନିୟମିତ ଭାବେ ପାଣି ବୋହିବା କାର୍ଯ୍ୟଠାରୁ ଆରମ୍ଭ କରି ଦୋକାନରେ ପ୍ଲେଟ୍ ଧୋଇବା ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରୁଥିବା ଦେଖାଯାଇଛି। ଏଭଳି ଘଟଣା ସ୍ଥାନୀୟ ପ୍ରଶାସନ ପାଇଁ କଡା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗୋଟିଏ ପଟେ ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଏଥି ନିମନ୍ତେ ସରକାରୀ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ ଆନନ୍ଦପୁର ଅଞ୍ଚଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇବାର ନା ଧରୁନି। ଏହିଭଳି ବହୁ ଘଟଣା ଆସୁଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀମାନେ ଘଟଣାକୁ ଅଣଦଖା କରିବା ପରିତାପର ବିଷୟ ପାଲଟିଛି।

### ୧୦ହଜାର ବୃକ୍ଷ ଲଗାଯିବାକୁ ସଂକଳ୍ପ

**କେନ୍ଦୁଝର,୧୩।୬(ସ୍ୱ.ପ୍ର.):** କେନ୍ଦୁଝର ବନୌଷଧି ବିଶେଷଜ୍ଞ ମହାସଂଘର ରାଜ୍ୟ ସଭାପତି ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଗୁରୁବାର ସଦର ବ୍ଲକ ବେଲପଶି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବନୌଷଧି ବିଶେଷଜ୍ଞ ମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରିବା ସହ ଅନ୍ୟୂନ ୧୦ ହଜାର ବିଭିନ୍ନ ଜାତିର ବୃକ୍ଷ ରୋପଣ କରିବାକୁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ାରୁ ସରୋଜ କୁମାର ମହାନ୍ତ, ବଡ଼ବିଲରୁ ରାଜୀବ କୁମାର ମହାନ୍ତି, ଚମ୍ପୁଆରୁ ଇନ୍ଦୁମତି ମହାନ୍ତ ଓ ସରସ୍ୱତୀ ମହାନ୍ତ, ପାଟଣାରୁ କୀର୍ତ୍ତନ ବିହାରୀ ମହାନ୍ତଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବାର୍ଷିକ ଅଖଣ୍ଡ ମହିମା ବୈଠକ ଆରମ୍ଭ ହୋଇଥିଲା। ବିଶ୍ୱ କଲ୍ୟାଣ ନିମନ୍ତେ ଯଜ୍ଞାହୁତି ଓ ବ୍ରହ୍ମ ମୁହୂର୍ତ୍ତରେ ବାଲ୍ୟଲୀଳା, ବାଲଭୋଜନ କରାଯାଇଥିଲା। ଏଥିରେ ବ୍ରହ୍ମଚାରୀ କୀର୍ତ୍ତନ ବିହାରୀ ବାବା ଓ ଯଶୋବନ୍ତ ବାବା ଯୋଗଦେଇ ବିଶ୍ୱଶାନ୍ତି ନିମନ୍ତେ ବ୍ରହ୍ମଯଜ୍ଞ କରିଥିଲେ । ଏଥିରେ ନିଶାକର, ମଦନ, ପଦ୍ମଚରଣ, ହରେକୃଷ୍ଣ ମହାନ୍ତ, ବିଶ୍ୱନାଥ ପାତ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ବାଚସ୍ପତିଙ୍କ ସମୀକ୍ଷା

# ଆର୍‌ପିଡିଏସି ବୈଠକ ଡାକିବା ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ, ପୁନର୍ବାସ ଓ ଥଇଥାନ ଏବଂ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷଭାବେ ପ୍ରକଳ୍ପ ପାଇଁ ବିସ୍ଥାପିତ ଲୋକମାନଙ୍କ ସୁବିଧା ଲାଗି ପୁନର୍ବାସ ସ୍ଥାନରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ପରି ଭିତ୍ତିଭୂମିର ବିକାଶ ସହ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କ ନାମରେ ଘରଡିହ ପଟ୍ଟା ପ୍ରଦାନ ଓ ଜମି ହସ୍ତାନ୍ତରଣ କରିବାକୁ ସଂପୃକ୍ତ ତହସିଲଦାରଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ସ୍ଥାନୀୟ ଅଞ୍ଚଳର ପ୍ରକଳ୍ପ ନେଇ ଆର୍‌ପିଡିଏସି ବୈଠକ ଡାକିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ, ପାରିପାର୍ଶ୍ୱିକ ଉନ୍ନତୀକରଣ, ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ, ପ୍ରକଳ୍ପ ଅଞ୍ଚଳରେ ଜମି ଲିଜ୍/ହସ୍ତାନ୍ତରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପ୍ରକଳ୍ପ କାରଣରୁ ୫ଟି ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେଉଥିବାବେଳେ ୧୦ଟି ଗ୍ରାମ ଆଂଶିକଭାବେ ଜଳମଗ୍ନ ହେବ । ସମ୍ପୂର୍ଣ୍ଣ ଜଳମଗ୍ନ ହେଉଥିବା ୫ଟି ଗ୍ରାମର ଲୋକଙ୍କୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଛି । ଏହି କାର୍ଯ୍ୟ ତୁରନ୍ତ କରିବା ଲାଗି ଚେଷ୍ଟା କରାଯାଉଛି, ଯାହାଦ୍ୱାରା ପ୍ରକଳ୍ପ ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରିବ । ଚଢ଼ିଆପଡ଼ା ଗ୍ରାମର ପ୍ରଭାବିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପ୍ରକ୍ରିୟା ଜାରି ରହିଛି ଓ ସେମାନେ ଗଜପତି ଜିଲା ଭିତରେ ଜମି ଆଧାରିତ ପୁନର୍ବାସ ନିମନ୍ତେ ଆଗ୍ରହୀ ବୋଲି ପ୍ରକଳ୍ପ ନିର୍ବାହୀଯନ୍ତ୍ରୀ ପ୍ରକାଶ କରିଥିଲେ । ଏହି ଗ୍ରାମର ବିସ୍ଥାପିତମାନଙ୍କ ପୁନର୍ବାସ ଓ ଥଇଥାନ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଗଲେ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜଣାପଡିଛି । ସେହିଭଳି ସୁଗୁବା ଗ୍ରାମର ଲୋକମାନେ ମଧ ଗଜପତି ଜିଲାରେ ପୁନର୍ବାସ ନିମନ୍ତେ ଆଗ୍ରହୀ ଅଛନ୍ତି । ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ଜଙ୍ଗଲ ଜମି ଅଧିଗ୍ରହଣ ଲାଗି ଗଜପତି ଜିଲା ପ୍ରଶାସନ ଯଥାଶୀଘ୍ର ୧୩ଟି ଗ୍ରାମରେ ଗ୍ରାମସଭାର ସୁପାରିସ ହାସଲ କରିବା ସହିତ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ମଞ୍ଜୁର ପ୍ରମାଣପତ୍ର ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରିବେ । ପ୍ରକଳ୍ପ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଗଜପତି ଜିଲାପାଳ ୨.୧୪୭ କୋଟି ଟଙ୍କାର ଏକ ସଂଶୋଧିତ ଯୋଜନାକୁ ଅନୁମୋଦନ ନିମନ୍ତେ ଜଳସମ୍ପଦ ବିଭାଗକୁ ପ୍ରେରଣ କରିଥିବା ବୈଠକରୁ ଜଣାପଡିଛି। ଏହା ଦ୍ୱାରା ବିସ୍ଥାପିତ ପରିବାରଗୁଡ଼ିକ ପ୍ରକଳ୍ପ ପ୍ରତି ଆଗ୍ରହ ପ୍ରକାଶ କରିବେ ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ।

ଏହି ବହୁମୁଖୀ ପ୍ରକଳ୍ପ ଦ୍ୱାରା ଜଳସେଚନ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବାର୍ଷିକ ୩୮୮୦ ହେକ୍ଟର ଜମି ଜଳସେଚିତ ହୋଇପାରିବ । ଏଥିସହିତ ୩୬ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ସହ ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳକୁ ୩୧.୫୪ ନିୟୁତ ଘନ ମିଟର ପାନୀୟଜଳ ଯୋଗାଯାଇପାରିବ । ଜି. ସାମନ୍ତରାପୁର ପୁନର୍ବାସ ଓ ଥଇଥାନ କଲୋନୀର ଜମିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ହସ୍ତାନ୍ତର କରାଗଲେ ବିସ୍ଥାପିତ ପରିବାରଙ୍କୁ ପଟ୍ଟା ପ୍ରଦାନ କରାଯାଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବିସ୍ଥାପିତ ପରିବାରଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ଗଞ୍ଜାମ ଓ ଗଜପତି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟ ଜିଲାରେ ପୁନର୍ବାସ ପାଇଥିବାରୁ କିଛି ବିସ୍ଥାପିତ ପରିବାର ୨୫ ପ୍ରତିଶତ ଅତିରିକ୍ତ ସହାୟତା ଦାବି କରିଥିଲେ, ଯାହାକୁ ଅତିଶୀଘ୍ର ପୂରଣ କରାଯିବ ବୋଲି ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ । ପ୍ରତି ଦୁଇ ମାସରେ ଥରେ ସମୀକ୍ଷା ବୈଠକ ଆୟୋଜନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି ।

## ଖଦାଳ ସାହିରେ ଗୋଷ୍ଠୀ ବିବାଦ

### ୨ ବାଇକ ଜବତ, ଉଭୟ ଗୋଷ୍ଠୀର ୫ କୋର୍ଟଚାଲାଣ



ଥାନା ଆଗରେ ଉଭୟ ଗୋଷ୍ଠୀର ମହିଳା, ପୁରୁଷ।

**କବିସୂର୍ଯ୍ୟନଗର,୧୩।୬**

କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଗ୍ରାମର ଖଦାଳ ସାହିରେ ଦୁଇଗୋଷ୍ଠୀ ମଧ୍ୟରେ ସାହି ସଭାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପୃଥକ ୨ ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୫ ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରିଥିବା ଆଇଆଇସି ତପନ କୁମାର ପତି କହିଛନ୍ତି। ୨ଟି ଭଙ୍ଗା ବାଇକ ଜବତ ହୋଇଛି। ଗୁଡ଼ିଆଳି ଗ୍ରାମ ଖଦାଳ ସାହିରେ ମୋଟ ୧୨୫ ଘର। ବିଭିନ୍ନ କାରଣକୁ କେନ୍ଦ୍ରକରି ସବୁବେଳେ ସାହିର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହେ । ୧୫ ଦିନ ତଳେ ଦୁଇ ପଡ଼ୋଶୀ ମଧ୍ୟରେ କୌଣସି କାରଣକୁ ନେଇ ମାରପିଟ ହୋଇଥିଲା। ଉଭୟ ପକ୍ଷର ୬ ଜଣ ଗୁରୁତର ଆହତ ହୋଇଥିଲେ। ଗତ ୧୦ ତାରିଖ ରାତ୍ର ସାହିରେ ସଭା ଚାଲିଥିଲା ବେଳେ ଅନ୍ୟ ଗୋଷ୍ଠୀ ୨ଟି ବାଇକରେ ଆସି ଗାଳିଗୁଲଜ ଶବ୍ଦ କରି ଚାଲି ଯାଇଥିବା ଅନ୍ୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗତ ୧୧ ତାରିଖରେ ସାହି ସଭା ଚାଲିଥିଲା। ଅପରଗୋଷ୍ଠୀ ୨ଟି ବାଇକରେ ଆସି ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ତେବେ ବାଇକ ଚାଳକଙ୍କୁ ଗୋଡ଼ାଇବାରୁ ସେମାନେ ବାଇକ ଛାଡ଼ି ଚାଲି ଯାଇଥିଲେ। ଫଳରେ ବାଇକ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା ପୋଲିସ କହିଛି। ୧୩୫/୧୯ କେଶ ନଂ ପ୍ରକାରେ ଗୁଡ଼ିଆଳି ଖଦାଳ ସାହିର ସନାତନ ଦାସ, ସନ୍ତୋଷ ଦାସ (ବାପା ମୂରଲୀ) ଓ ନାରାୟଣ ଦାସଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଗୋଷ୍ଠୀର କେଶ ନଂ ୧୩୬/୧୯ ପ୍ରକାରେ ମନ୍ମଥ ଦାସ ଓ ସନ୍ତୋଷ ଦାସ (ବାପା ସୁବାସ) ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ତେବେ ଉଭୟ ଗୋଷ୍ଠୀର ଶତାଧିକ ମହିଳା ପୁରୁଷ ଆସି ଥାନା ଆଗରେ ରହି ଅଟକ ଥିବା ୫ ଜଣଙ୍କୁ ଛାଡ଼ିବାକୁ ଅଡ଼ି ବସିଥିଲେ। ତେବେ ପୋଲିସ ଏସଆଇ ଅର୍ଜୁନ କଅଁର, ଆଇଆଇସି ତପନ କୁମାର ପତି ଆପୋଶ ବୁଝାମଣା କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଅଟକ ଥିବା ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

## ଜିଲାସ୍ତରୀୟ ସପ୍ତମ ଅର୍ଥନୈତିକ ଗଣନା ପ୍ରଶିକ୍ଷଣ



କର୍ମଶାଳାରେ ଉପସ୍ଥିତ ଅଧିକାରୀ।

**କେନ୍ଦୁଝର, ୧୩।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ସପ୍ତମ ଅର୍ଥନୈତିକ ଗଣନା ନିମନ୍ତେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଓ ପ୍ରଶିକ୍ଷଣ ଶିବିର ଗୁରୁବାର ଜିଲାପାଳ ଆଶିଷ ଠାକରେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଗଣନା କାର୍ଯ୍ୟକ୍ରମକୁ ଠିକ୍ ଭାବେ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଜିଲାପାଳ ଆଦେଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ହେଉଥିବା କର୍ମଚାରୀମାନେ ନିଷ୍ଠାର ସହିତ କାମ କରିବାକୁ କହିଥିଲେ। ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇ ଉକ୍ତ ଗଣନାର ଉଦ୍ଦେଶ୍ୟ ଓ ପ୍ରଶିକ୍ଷଣ ବିଷୟରେ କହିଥିଲେ । ସାଧାରଣ ସେବା କେନ୍ଦ୍ରର ରାଜ୍ୟ ପରିଚାଳକ ଅଜୟ କୁମାର ସାମନ୍ତରାୟ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ କୃଷ୍ଣଚନ୍ଦ୍ର ନାୟକ, ସହକାରୀ ନିର୍ଦ୍ଦେଶକ ଯୋଜନା ସୁକାନ୍ତ କୁମାର ଜେନା ଓ ବିନୟ କୁମାର ପ୍ରଧାନ, ବରିଷ୍ଠ ପରିସଂଖ୍ୟାନ ଅଧିକାରୀ ଅନରେଶ୍ୱର ସାହୁ, ଗ୍ରାମୀଣ ଶ୍ରମ ନିରୀକ୍ଷକ ବୃନ୍ଦାବନ ଜୁଆଙ୍ଗ, ସାଧାରଣ ସେବାକେନ୍ଦ୍ର ଜିଲା ପରିଚାଳକ ମାନସ କୁମାର ସାସ୍ମଲ ପ୍ରମୁଖ ତାଲିମ ଶିବିର ପରିଚାଳନା କରିଥିଲେ । ଜିଲାର ୨୯୭ ପଞ୍ଚାୟତ ଓ ୫ଟି ପୌରପାଳିକା ଭିଲେଜ ଲେଭଲ ଏଣ୍ଟରପ୍ରେନ୍ୟୁୟରମାନଙ୍କୁ ଉପଯୁକ୍ତ ଗଣନା କରିବା ଓ ଠିକ୍ ସମୟରେ ଶେଷ କରିବାକୁ ପ୍ରଶିକ୍ଷଣ ଦିଆଯାଇଥିଲା ।

## ଦୋକାନ ଉପରକୁ ବୋମାମାଡ: ଅଳ୍ପକେ ବର୍ତ୍ତିଲେ ଲୋକେ

**ଯୋଡ଼ା, ୧୩।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ସହର ମହାବୀର ଛକଠାରେ ଥିବା ଏକ ମୋଟର ପାର୍ଟସ୍ ଦୋକାନ ଉପରକୁ ବୁଧବାର ରାତିରେ ବୋମାମାଡ କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୯ ଟା ବେଳେ ଏହି ବୋମାମାଡ କରାଯାଇଥିଲା। ଏଥିରେ ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୋକାନର ମାଲିକ ମୋହନ ଅଗ୍ରୱାଲ କହିଛନ୍ତି ଯେ, ଏକ ନାଲି ରଙ୍ଗର ମୋଟର ସାଇକେଲରେ ୨ ଦୁର୍ବୃତ୍ତ ହେଲମେଟ ପିନ୍ଧି ଦୋକାନ ସମ୍ମୁଖରେ ପହଞ୍ଚି ଅତର୍କିତ ଭାବେ ଦୋକାନ ଆଡକୁ ଏକ ବୋମା ଲକ୍ଷ୍ୟ କରି ନିକ୍ଷେପ କରିଥିଲେ। ବୋମା ଫୁଟିବାରୁ ବହୁତ ଜୋରସେ ଶବ୍ଦ ହୋଇଥିଲା। ଫଳରେ ସେଠାରେ ଥିବା ଲୋକମାନେ ଭୟଭୀତ ହୋଇ ଦୌଡିଥିଲେ। ଖବର ପାଇ ଯୋଡା ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କର କୌଣସି ସୁରାକ ମିଳି ନ ଥିବା ଜଣାପଡ଼ିଛି। କୌଣସି ପୂର୍ବ ଶତ୍ରୁତା ନଥିଲା ବୋଲି ଦୋକାନ ମାଲିକ ପୋଲିସକୁ ଜଣାଇଛନ୍ତି। ତେବେ ଯୋଡା ପୋଲିସ ସବ୍ ଇନ୍ସପେକ୍ଟର ସୋରେନ୍ କୁମାର କହିଛନ୍ତି ଏହା ବୋମା ନୁହେଁ, ଏକ ଦେଶୀ ବାଣ । ତଥାପି ଏହାର ଅଧିକ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କୃଷି ବିଭାଗ ଅଗୋଚରରେ କୃଷକ ପଞ୍ଜୀକରଣ

### ଫେକ୍ ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରି ଟଙ୍କା ହଡପ ସନ୍ଦେହ

**ସୋରଡା, ୧୩।୬ (ଡି.ଏନ.ଏ.)**

ସୋରଡା ଅଞ୍ଚଳରେ କୃଷକ ପରିଚୟପତ୍ର ପାଇବା ପାଇଁ ମହିଳା ପୁରୁଷ ଚାଷୀମାନଙ୍କ ଭିଡ କୃଷି କାର୍ଯ୍ୟାଳୟରେ ଲାଗିରହିଛି। ରାଜ୍ୟ କୃଷିବିଭାଗ ତରଫରୁ ଆବଶ୍ୟକ କାଗଜପତ୍ର ଗ୍ରହଣ କରାଯାଇ ଅନଲାଇନ୍ ପଞ୍ଜୀକୃତ କରାଯାଇ କୃଷକ ପରିଚୟପତ୍ର ପ୍ରଦାନ କରାଯାଇଛି ସମ୍ପୂର୍ଣ୍ଣ ମାଗଣାରେ। ଯେଉଁଥିରେ କି ଚାଷୀମାନଙ୍କୁ ସବ୍‌ସିଡି ବ୍ୟବସ୍ଥା ରହିଛି ଏବଂ ଏହା ନିୟମାନୁଯାୟୀ ଚାଲିଛି ବିଭାଗ ତରଫରୁ। କିନ୍ତୁ ଅନ୍ୟପଟେ ଆଉ ଏକପ୍ରକାର କୃଷକ ପରିଚୟପତ୍ର ପଞ୍ଜୀକରଣ କରି ଦିଆଯାଇଛି। ଏଥିପାଇଁ ଶହେରୁ ୩ଶହ ଟଙ୍କା ଦାବି କରାଯାଉଛି। ଉକ୍ତ ହଳଦିଆ ରଙ୍ଗ ପରିଚୟପତ୍ରରେ ଚାଷୀଙ୍କ ନାମ, ଠିକଣା, ପଞ୍ଜୀକରଣ ନମ୍ବର, ଫଟୋ ଏବଂ କେବଳ କୃଷିବିଭାଗ ବୋଲି ଇଂଲିଶରେ ଉଲ୍ଲେଖ ରହିଛି। ଏଠାରେ ୨୬ ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଚାଷୀମାନଙ୍କୁ ପଞ୍ଜୀକରଣ କରାଯାଇଥିବା ଜଣାପଡିଛି। ଅଞ୍ଚଳର କେତେକ ବ୍ୟକ୍ତି ଚାଷୀଙ୍କ ଠାରୁ ତଥ୍ୟ ଓ ଟଙ୍କା ଆଣି ଏପରି ପଞ୍ଜୀକରଣ କରୁଛନ୍ତି। ବୁଧବାର ସୁଦ୍ଧା ରାଇବନ୍ଧ ପଞ୍ଚାୟତର ୪୨୮, ସିଦ୍ଧପୁର ୨୧୯, ଏକଲପୁରରେ ୧୫୧ ଏବଂ ଅନ୍ୟ ସବୁ ପଞ୍ଚାୟତରେ ଅଳ୍ପ କେତେଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହି ପରିଚୟପତ୍ର କେବଳ ସୋରଡା ନୁହେଁ ବରଂ ଗଞ୍ଜାମ ଜିଲାର ସବୁ ବ୍ଲକରେ ଚାଲିଛି। ପୁରୁଷୋତ୍ତମପୁର ୧୨୬୬୪, ଗଞ୍ଜାମ ୧୧୭୮୬, କବିସୂର୍ଯ୍ୟନଗର ୨୨୦୩୭, ଖଲ୍ଲିକୋଟରେ ୪୭୭୨ଜଣ ଚାଷୀ ପଞ୍ଜୀକରଣ କରିଥିବା ୱେବ୍‌ସାଇଟ୍‌ରୁ ତଥ୍ୟ ମିଳୁଛି। କିଷାନ ଡଟ୍ ଜିଓଭି ଡଟ୍ ଇନ୍ ନାମକ ୱେବ୍‌ସାଇଟ୍‌ରେ ଏହା ପଞ୍ଜୀକୃତ ହୋଇଛି। ଓଡିଶାର ବିଭିନ୍ନ ଜିଲାରୁ ୪୨ଲକ୍ଷ ୩୪୨ ଜଣ ପଞ୍ଜୀକୃତ କରିସାରିଲେଣି।

ମାତ୍ର ଏଭଳି କୌଣସି ପରିଚୟପତ୍ର ପ୍ରଦାନ ବା ପଞ୍ଜୀକୃତ ପାଇଁ ନିର୍ଦ୍ଦେଶ ଆସିନି, ଉକ୍ତ ପରିଚୟପତ୍ରକୁ ନେଇ ଆମେ ମଧ ସନ୍ଦେହରେ ଅଛୁ। ଏହା ଏକ ଫେକ୍ ୱେବସାଇଟ୍ ବୋଲି ଅନୁମାନ କରୁଛୁ। ଏନେଇ ଆମେ ଉପରିସ୍ଥ ଅଧିକାରୀମାନଙ୍କୁ ମଧ ଜଣାଇଛୁ। ଏହା ଉପରେ ଅନୁଧ୍ୟାନ ଚାଲିଛି ବୋଲି କହିଥିଲେ ବ୍ଲକ କୃଷି ଅଧିକାରୀ ରାଜକିଶୋର ସ୍ୱାଇଁ ଓ ସବିତା ସୋରେନ୍। ଏପଟେ କାଳିଆ ଟଙ୍କା ମିଳିଥିବା ଯୋଗୁ ଚାଷୀମାନେ ମଧ କୌଣସି ସତ୍ୟତା ନ ଜାଣି ଯିଏ ଯାହା କହିଲା ବିଶ୍ୱାସ କରିବାରେ ଲାଗିଛନ୍ତି।

## ଛେନାପଦୀ ରାସ୍ତାରେ ଜମୁଛି ପାଣି

**ହାଟଡିହୀ, ୧୩। ୬ (ଡି.ଏନ.ଏ.)**



ଛେନପଦୀ ବଜାର ରାସ୍ତାରେ ପାଣି ଜମି ରହିଛି।

ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଛେନାପଦୀ ରାସ୍ତାରେ ଅସରାଏ ବର୍ଷା ହେଲେ ପାଣି ଜମୁଛି । ବିଭିନ୍ନ ଦୃଷ୍ଟି କୋଣରୁ ବ୍ୟବସାୟର ପେଣ୍ଠସ୍ଥଳୀ ଭାବେ ଛେନାପଦୀ ବଜାରଟି ବେଶ ଜଣାଶୁଣା। ରାସ୍ତାରେ ପାଣି ଜମିବା ଫଳରେ ଉଠା ଦୋକାନୀ ମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି । ଏପରିକି ଛୋଟବଡ଼ ଗାଡ଼ି ଓ ପଥଚାରୀମାନେ ଯାତାୟାତରେ ହଇରାଣ ହେଉଛନ୍ତି। ପାଣି ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ପାଣି ବହୁ ସମୟ ପର୍ଯ୍ୟନ୍ତ ଜମି ରହିଥାଏ । ଏଣୁ ରାଜରାସ୍ତାରୁ ପାଣି ନିଷ୍କାସନ କରାଯିବା ସହ ଖାଲୁଆ ସ୍ଥାନକୁ ପୋତାଗଲେ ବିଭିନ୍ନ କ୍ଷେତ୍ରରେ ସୁବିଧା ହୋଇପାରିବ ବୋଲି ଲୋକେ ପ୍ରକାଶ କରିଛନ୍ତି ।

## ସମ୍ଭାବ୍ୟ ବାତ୍ୟା, ବନ୍ୟା ମୁକାବିଲା ପାଇଁ ମକ୍‌ଡ୍ରିଲ

**କେନ୍ଦୁଝର ୧୩।୬ (ସ୍ୱ.ପ୍ର./ଡି.ଏନ.ଏ.)**

ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଆସନ୍ତା ୧୯ ତାରିଖ ଜିଲା ମହକୁମା, ସମସ୍ତ ବ୍ଲକ, ସଦର ମହକୁମା ତଥ୍ୟା ବାତ୍ୟା ଆଶ୍ରୟ ସ୍ଥଳୀ ମାନଙ୍କରେ ମକ ଡ୍ରିଲ ଆୟୋଜନ ହେବ। ଏନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ମିନି କନଫରେନ୍ସ ହଲ ଠାରେ ଅତିରିକ୍ତ ଜିଲାପାଳ ଡକ୍ଟର ଭକ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ବୋଧନ ଦେଇ ଜିଲାର ପୂର୍ଣ୍ଣାଙ୍ଗ ମକ ଡ୍ରିଲ କାର୍ଯ୍ୟକ୍ରମର ପ୍ରାକ ପ୍ରସ୍ତୁତି ଉପରେ ଗୁରୁତ୍ୱରୋପ କରି କାର୍ଯ୍ୟକ୍ରମର ସୁପରିଚାଳନା ଓ ସୁଆୟୋଜନ କରିବା ପାଇଁ ଅଧିକାରୀ ମାନଙ୍କୁ ନିଷ୍ଠାପର ସହିତ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲାପାଳ ଆଦେଶ ଦେଇଥିଲେ। ଏହି ମକ ଡ୍ରିଲ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବନ୍ୟା ଓ ବାତ୍ୟାର ସୂଚନା ମିଳିଲେ ଅଧିକାରୀ ମାନେ ତଥା ଜନସାଧାରାଣ କିପରି ସତର୍କତା ଅବଲମ୍ବନ କରି ଏହାର ମୁକାବିଲା କରିବେ ଓ ଧନଜୀବନର ସୁରକ୍ଷା କରିପାରିବେ। ଜିଲା ଆପାତକାଳୀନ ବିଭାଗ ବ୍ଲକ ସ୍ତରରେ ବିଡିଓ, ବନ୍ୟା ଆଶ୍ରୟ ସ୍ଥଳରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ମକ ଡ୍ରିଲ ଆୟୋଜନ ହେବ ବୋଲି ଜଣାପଡିଛି ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

### ସଉରା ଜନଜାତି ଲୋକଙ୍କ ଘର ପୋଡ଼ି, ତଡିଦେବା ଘଟଣା: ରାଜ୍ୟ ସରକାରଙ୍କୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

# ପ୍ରତି ପରିବାରକୁ ୧ ଲକ୍ଷ କ୍ଷତିପୂରଣ ଦିଅ

**ଭୁବନେଶ୍ୱର,୧୩।୬(ବ୍ୟୁରୋ)**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ କୁମ୍ଭଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପରିଡା ବାଞ୍ଜିରାପଦରଠାରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ସଉରା ଜନଜାତିର ଲୋକଙ୍କ ଘରକୁ ପୋଡ଼ି ଦିଆଯିବା ସହ ଗାଁରୁ ତଡ଼ି ଦିଆଯାଇଥିଲା। ଏନେଇ ରାଜ୍ୟ କୃଷକ ସଭା ସହଯୋଗରେ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ୨୦୧୮ରେ ଅଭିଯୋଗ କରିଥିଲେ। ମାମଲାର ଶୁଣାଣି କରି ଓଏଚ୍‌ଆର୍‌ସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ରଘୁବୀର ଦାଶ ଐତିହାସିକ ରାୟ ଶୁଣାଇଛନ୍ତି। ଜଷ୍ଟିସ ଦାଶ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାର ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବେ। ଏଥିସହ ସେମାନେ ବସବାସ କରୁଥିବା କୁମ୍ଭଣ୍ଡି ଗ୍ରାମର ପରିଡା ବାଞ୍ଜିରାପଦର ରେଭିନ୍ୟୁ ପ୍ଲଟ୍ ନଂ.୯୨ ଓ ୧୦୧, ଖାତା ନଂ.୨୨୬ରେ ସେମାନଙ୍କୁ ପୁନଃ ଥଇଥାନ କରିବା ନିମନ୍ତେ ଜିଲା ପ୍ରଶାସନ ବ୍ୟବସ୍ଥା କରିବେ ଓ ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବେ। ସେମାନେ ଚାଷ କରୁଥିବା ଦୁମୁଦୁମି ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲ ଜମିକୁ ଆଦିବାସୀ ଓ ଅନ୍ୟାନ୍ୟ ଜଙ୍ଗଲବାସୀ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବେ। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ଉପମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ପ୍ରମୁଖ ଶାସନ ସଚିବ ଜଙ୍ଗଲ ଓ ପରିବେଶ ବିଭାଗ, ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ ଦାଶ।

ସୂଚନା ଅନୁଯାୟୀ, ବହୁବର୍ଷ ତଳେ ବେଲଗୁଣ୍ଠା କୁମ୍ଭଣ୍ଡି ଅଞ୍ଚଳରେ ଚାଷବାସ ପାଇଁ ଜିଲାର ଅନ୍ୟ ଅଞ୍ଚଳରେ ରହୁଥିବା କିଛି ସଉରା ଜନଜାତିର ପରିବାରକୁ ସ୍ଥାନୀୟ ଲୋକେ ଆଣି ଏଠାରେ ଥିବା ସରକାରୀ ଜମିରେ ରଖିଥିଲେ। ସମୟକ୍ରମେ ଉକ୍ତ ସ୍ଥାନ ଜନବସତିରେ ପରିଣତ ହୋଇ ପରିଡା ବାଞ୍ଜିରାପଦର ପଡ଼ା ନାମରେ ପରିଚିତ ହୋଇଥିଲା। ଏଠାରେ ପରିବାର ସଂଖ୍ୟା ୧୨ରେ ପହଞ୍ଚିଥିଲାବେଳେ ଉକ୍ତ ଠିକଣାରେ ସେମାନଙ୍କର ଭୋଟର କାର୍ଡ ରହିଛି ଓ ସେମାନେ ମଧ୍ୟ ଭୋଟ ଦେଇ ଆସୁଥିଲେ। ସେହିଭଳି ସେମାନଙ୍କ ଆଧାର କାର୍ଡରେ କୁମ୍ଭଣ୍ଡି ଗ୍ରାମର ଠିକଣା ରହିଛି। ପଞ୍ଚାୟତ ତରଫରୁ ସେଠାରେ ନଳକୂଅ ବସା ଯାଇଥିବାବେଳେ ଯାତାୟାତ ପାଇଁ ସ୍ଥାୟୀ ରାସ୍ତା ବି ନିର୍ମାଣ ହୋଇଛି। ସେମାନେ ମୂଲ ଲାଗିବା, ଭାଗ ଚାଷ କରିବା ସହିତ ଗାଁଠାରୁ ଅଧା କିଲୋମିଟର ଦୂର ଦୁମୁଦୁମି ସଂରକ୍ଷିତ ଜମିରେ ମକା ଚାଷ ଆରମ୍ଭ କରିଥିଲେ। ୨୦୧୮ ଏପ୍ରିଲ ୨୧ରେ ଜଙ୍ଗଲ ବିଭାଗ ଘୁମୁସର ଡିଭିଜନ ଡିଏଫ୍‌ଓ ବନ କର୍ମଚାରୀ ଓ କୁମ୍ଭଣ୍ଡି ବନ ସୁରକ୍ଷା ସମିତି ସଦସ୍ୟମାନେ ପୋଲିସ ସହାୟତାରେ ସେଠାରେ ଚଢ଼ଉ କରି ଫସଲ ନଷ୍ଟ କରିଥିଲେ। ଏପରିକି ସେମାନଙ୍କୁ ମାଡ଼ ମାରିବା ସହ ଗିରଫ କରାଯାଇଥିଲା। ଘରଗୁଡ଼ିକରେ ନିଆଁ ଲଗାଇ ଜମି କବ୍‌ଜା କରି ନିଆଯାଇଥିଲା। ସେମାନେ ଜେଲ୍‌ରୁ ମୁକୁଳିବା ପରେ କୃଷକ ସଭାର ସୋରଡା ଅଞ୍ଚଳିକ କମିଟି ଓ ଗଞ୍ଜାମ ଜିଲା କମିଟିର ନେତା କୈଳାସ ଷଡଙ୍ଗୀ, ବାସୁଦେବ ଗୌଡ ଓ ହରେକୃଷ୍ଣ ରେଡ୍ଡୀଙ୍କ ସହଯୋଗରେ ସେହିବର୍ଷ ଅଗଷ୍ଟରେ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ଦ୍ୱାରା ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ବହୁ ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ ପାଇବା ପରେ ସମ୍ପୃକ୍ତ ସଉରା ଜନଜାତି ପରିବାର ଲୋକଙ୍କ ମନରେ ଖୁସିର ଲହରି ଖେଳିଯାଇଛି।

## ସଂକ୍ଷେପରେ

### ୪ ଚୋରା ମଦ ବେପାରୀ ଗିରଫ

**ତେଲକୋଇ, ୧୩।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟରେ ଅବକାରୀ ବିଭାଗର ଚଢ଼ାଉ ଜାରି ରହିଛି। ଗୁରୁବାର ଅବକାରୀ ବିଭାଗର ସ୍ପେସାଲ ସ୍କ୍ୱାର୍ଡ ସହିତ ଅବକାରୀ ବିଭାଗ ଅଧିକାରୀ ମାନେ ବିଭିନ୍ନ ସ୍ଥାନରେ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଷୋତ୍ତମପୁର ଗ୍ରାମରେ ମହୁଲି ମଦ ବେପାର କରୁଥିବା ସାଧୁମୁଣ୍ଡା ,ଧନେଶ୍ୱର ଚମ୍ପିଆ, ରାମସିଂ ମୁଣ୍ଡା, ଲାଗୁନ ମୁଣ୍ଡା। ସେମାନଙ୍କଠାରୁ ୬୦ଲିଟର ମଦ ଜବତ କରିବା ସହିତ ୨କୁଇଣ୍ଟାଲ ପୋଚ ଜବତ କରାଯାଇଛି। ଅନ୍ୟ ଜଣେ ଜଙ୍ଗଲକୁ ପଳାଇ ଯାଇଥିବା ଅବକାରୀ ଵିଭାଗ ପ୍ରକାଶ କରିଛି। ଗୁରୁବାର ୪ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବଜ୍ରପାତରେ ମହିଳାଙ୍କ ଜୀବନଗଲା

**ଢେଙ୍କିକୋଟ, ୧୩।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବଡ଼ମସିଣା ବିଲା ପଞ୍ଚାୟତ କରବେଡ଼ା ଗ୍ରାମରେ ବୁଧବାର ଅପରାହ୍ନରେ କାଳବୈଶାଖୀ ବଜ୍ରପାତରେ ସୁନ୍ଦୁନି ମୁଣ୍ଡା ନାମ୍ନୀ ଜଣେ ମହିଳା ପ୍ରାଣ ହରାଇଛନ୍ତି। ସେ ଘରେ ଏକ ବିଦ୍ୟୁତ ବୋର୍ଡ ନିକଟରେ ବସିଥିବାବେଳେ ଏହି ବଜ୍ରପାତ ଘଟିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଘଟଗାଁ ଥାନା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଥାନା ଏଏସଆଇ ସହଦେବ ସାହୁ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବାସହ ଥାନାରେ ଏକ ପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ପଠାଇଛନ୍ତି।

### ସରିଲା ମା' ଖରାଖାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରେମୁଣା, ୧୩।୬ (ଡି.ଏନ.ଏ.) :** ସ୍ଥାନୀୟ ବରୁଣସିଂରେ ଚାଲିଥିବା ମା' ଖରାଖାଇ ସର୍ବମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଯାଇ ଶାସନ ପୋଖରୀରୁ ଜଳ ଆଣି ମନ୍ଦିରକୁ ଫେରିଥିଲେ। ଏହାପରେ ମନ୍ଦିର ଶୋଧ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଗୁରୁବାର ଯଜ୍ଞ କାର୍ଯ୍ୟ ସମାପନ ଏବଂ ପ୍ରସାଦ ସେବନ ପରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଥିଲା। ଭାଗୀରଥି ଜେନା, ବୈରାଗୀ ସ', ମୟୂର ଚନ୍ଦ୍ର ସେଠୀ, ଘନଶ୍ୟାମ ବିଶ୍ୱାଳ, କରୁଣାକର ଭୋଳ, ଗଦାଧର ଜେନା, ଗଙ୍ଗାଧର ପରିଡା ପ୍ରମୁଖ ପରିଚାଳନା କରିଥିଲେ। ପ୍ରକାଶ ଯେ, ଦୀର୍ଘବର୍ଷ ଧରି ମା' ଗଛ ମୂଳେ ପୂଜା ପାଇ ଆସୁଥିଲେ। ଅଲୌକିକତା ପାଇଁ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର ଦେବୀ ଭାବେ ପରିଚିତ ମା'ଙ୍କ ମନ୍ଦିର ନିର୍ମାଣ ସକାଶେ ଗ୍ରାମବାସୀ ଦାନ ସଂଗ୍ରହ କରିଥିଲେ।

## ■ ଜିଲାସ୍ତରୀୟ ମକଡ୍ରିଲ ପ୍ରସ୍ତୁତି ବୈଠକ

# ଜଳେଶ୍ୱର, ଭୋଗରାଇ, ରେମୁଣାରେ ହେବ ବଜ୍ରପାତ ଆଗୁଆ ସତର୍କକେନ୍ଦ୍ର

**ନିୟୋଜିତ ହେବେ ୪୦ ସ୍ୱତନ୍ତ୍ର ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ**



ମକଡ୍ରିଲ୍ ବୈଠକରେ ଉପସ୍ଥିତ ଜିଲା ଅଧିକାରୀଗଣ।

**ବାଲେଶ୍ୱର ଅଫିସ, ୧୩।୬**

ବାଲେଶ୍ୱର ସଦ୍‌ଭାବନା ସଭାଗୃହଠାରେ ଗୁରୁବାର ଅପରାହ୍ନରେ ଜିଲାସ୍ତରୀୟ ମକଡ୍ରିଲ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଜଳେଶ୍ୱର, ଭୋଗରାଇ ଓ ରେମୁଣା ବ୍ଲକରେ ବଜ୍ରପାତ ଆଗୁଆ ସତର୍କକେନ୍ଦ୍ର ହେବା ସହ ୪୦ ଜଣ ସ୍ୱତନ୍ତ୍ର ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରି ସମସ୍ତ ତହସିଲଦାର, ବିଡିଓ, ଆଶ୍ରୟସ୍ଥଳୀର ସମ୍ପାଦକ, ସଭାପତି, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ପ୍ରତିନିଧିଗଣ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମକ୍‌ଡ୍ରିଲ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ସଫଳ କରିବା ପାଇଁ କୌଶଳ ଶିକ୍ଷା, ସମ୍ବଳ ଠୁଳ ଏବଂ ଜନସଚେତନତା ବୃଦ୍ଧି ଭଳି ଆବଶ୍ୟକ ଦକ୍ଷତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଆସନ୍ତା ୧୯ ତାରିଖରେ ଜିଲାର ସମସ୍ତ ଆଶ୍ରୟସ୍ଥଳୀରେ ହେବାକୁ ଥିବା ମକ୍‌ଡ୍ରିଲ ପାଇଁ ୧୭ ତାରିଖରେ ବ୍ଲକସ୍ତରୀୟ ବୈଠକ କରାଯିବ। ଏହାପୂର୍ବରୁ ଆଶ୍ରୟସ୍ଥଳୀ ପରିଚାଳନା କମିଟି ସହ ପରାମର୍ଶ କରି ଆଶ୍ରୟସ୍ଥଳୀଗୁଡିକୁ ବ୍ୟବହାର ଉପଯୋଗୀ ଲାଗି ପ୍ରସ୍ତୁତ କରାଯିବ। କେନ୍ଦ୍ର ପାଇଁ ଯୋଗାଇ ଦିଆଯାଇଥିବା ସରଞ୍ଜାମ ଏବଂ ଅଚଳ ଯନ୍ତ୍ରପାତି, ମରାମତିଯୋଗ୍ୟ ଉପକରଣଗୁଡିକର ତାଲିକା ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାଦିନ ଆସୁଥିବାରୁ ପ୍ରତିଦିନ ପରିସ୍ଥିତି ରିପୋର୍ଟ ଏବଂ ବୃଷ୍ଟିପାତ ରିପୋର୍ଟ, ବୃଷ୍ଟିପାତମାପକ ଯନ୍ତ୍ରର ଅବସ୍ଥିତି, ସେଗୁଡ଼ିକର ଅକ୍ଷାଂଶ ଓ ଦ୍ରାଘିମାର ଠିକ୍ ବିବରଣୀ ସମ୍ପର୍କରେ ରିଲିଫ କମିଶନରଙ୍କ କାର୍ଯ୍ୟାଳୟକୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲାର ୩ଟି ସ୍ଥାନରେ ବଜ୍ରପାତ ଆଗୁଆ ସତର୍କକେନ୍ଦ୍ର ନିମନ୍ତେ ପାଇଲଟ ପ୍ରୋଜେକ୍ଟ ଭାବେ ଜଳେଶ୍ୱର ବ୍ଲକର ଡି.କେ.କଲେଜ, ଭୋଗରାଇ ବ୍ଲକର ବି.କେ. ଏକାଡେମୀ ଏବଂ ରେମୁଣା ବ୍ଲକର ରେମୁଣା ହାଇସ୍କୁଲରେ ସାଇରନ ସ୍ଥାପନ ବ୍ୟବସ୍ଥା କରାଯିବ, ଯାହା ବଜ୍ରପାତର ଯଥେଷ୍ଟ ପୂର୍ବରୁ ସ୍ୱୟଂକୃତ ଭାବେ ଆଲାମ ଦ୍ୱାରା ସଙ୍କେତ ଦେବ। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଉପଜିଲାପାଳ ନୀଲୁ ମହାପାତ୍ର, ଜରୁରିକାଳୀନ ଅଧିକାରୀ ଅଭୟ ନାୟକ, ଜିଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲ ସେନ ଜଗଦେବ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ପରୀକ୍ଷାଫଳକୁ ନେଇ ଛାତ୍ରୀଙ୍କ ଅସନ୍ତୋଷ

**କେନ୍ଦୁଝର, ୧୩।୬( ସ୍ୱ.ପ୍ର.)**

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ପରୀକ୍ଷା ଫଳରେ ତ୍ରୁଟିଥିବାରୁ ଛାତ୍ରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଇଣ୍ଟରନାଲ ପରୀକ୍ଷା ଫଳ ବାହାରି ନ ଥିବା ବେଳେ ଅଧିକାଂଶ ଛାତ୍ରୀଙ୍କୁ ଫେଲ କରି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ବିଜ୍ଞାନ ପରୀକ୍ଷା ଫଳରେ ତ୍ରୁଟି ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ସଂସ୍କୃତ, ସୋସିଓଲୋଜି, ଗଣିତ ଆଦି ପରୀକ୍ଷାରେ ଫଳରେ ମଧ୍ୟ ତ୍ରୁଟି ହୋଇଥିବା ଛାତ୍ରୀ ମାନେ ଅଭିଯୋଗ କରିଛନ୍ତି। ଏନେଇ ଛାତ୍ରୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିବାରୁ ସେମାନେ ଗୁରୁବାର ପ୍ରତିବାଦ କରିଛନ୍ତି। ତେବେ ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡ. ସଦାଶିବ ମହାରଣା କହିଛନ୍ତି ଯେ, ତୃତୀୟ ସେମିଷ୍ଟରରେ ଇଣ୍ଟରନାଲ ମାର୍କ ମିଶାଯାଇନାହିଁ। ଏଣୁ ଏନେଇ ବାରମ୍ବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ ମିଶାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏନେଇ ପୁଣି ଥରେ ପରୀକ୍ଷା ଫଳ ମିଶାଯିବ। ଛାତ୍ରୀମାନଙ୍କୁ ଏଥିଲାଗି ନ ଡରିବାକୁ ଅଧ୍ୟକ୍ଷ କହିଛନ୍ତି।

## ଚାନ୍ଦବାଲିରେ ଲାଗିଲା ବଜ୍ରପାତ ପୂର୍ବ ସୂଚନା ଆଲାମ୍

**ଭଦ୍ରକ ଅଫିସ, ୧୩।୬**



ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଗୁରୁବାର ଭଦ୍ରକ ଜିଲା ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ ହତାରେ ବଜ୍ରପାତ ପୂର୍ବ ସୂଚନା ଆଲାମ ଯନ୍ତ୍ର ଲଗାଯାଇଛି। ଯଦିଓ ଏହି ଯନ୍ତ୍ର ପରୀକ୍ଷା କରାଯାଇ ନାହିଁ, କିନ୍ତୁ ୨ରୁ ୩ ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରଜ ପରେ ଏହି ଯନ୍ତ୍ର ଲଗାଯିବ ବୋଲି ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି।

## ■ ନିର୍ମାଣ କାର୍ଯ୍ୟରେ ଅନିୟମିତତା

# ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ବାରିପଦା ଅଫିସ,୧୩।୬**

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଅନ୍ତର୍ଗତ ବଣକାଟୀ ପଞ୍ଚାୟତ ବରଜିଆଣି ଗ୍ରାମରେ ଏକ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଗୁରୁବାର ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ସେମାନେ ସ୍ଥାନୀୟ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡ଼ିଓ ଜେଇଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ,ବଣକାଟୀ ପଞ୍ଚାୟତ ଅଧୀନ ବରାଜିଆଣୀ ପିଣ୍ଡାରସାହି ୫ ନମ୍ବର ୱାର୍ଡ ଲାଗି ଏକ ସରକାରୀ କାର୍ଯ୍ୟ ଅନୁମୋଦନ କରାଯାଇଥିଲା। ଏହି କେନାଲ କାର୍ଯ୍ୟରେ ଚଞ୍ଚକତା କରାଯାଇ ଅନ୍ୟ ସ୍ଥାନରେ କରାଯାଇଛି। ପୁରୁଣା କାର୍ଯ୍ୟ ଉପରେ କାମ କରି ମିଥ୍ୟା ବିଲ ଉଠାଣ ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପଞ୍ଚାୟତସମିତି କାର୍ଯ୍ୟାଳୟ ବନ୍ଦ କରାଯିବ ବୋଲି ବସନ୍ତ ହାସଁଦା, ଲାଖରାମ କିସ୍କୁ, ଗୋବିନ୍ଦ ମୁର୍ମୁ, ଭୀମ ହେମ୍ବ୍ରମ, ଅଶୋକ ସୋରେନ, ରାମଚନ୍ଦ୍ର କିସ୍କୁ, ସାଲଖାନ ହାସଁଦା, ରାମ ସୋରେନ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଶିଶୁ ସାହିତ୍ୟ କର୍ମଶାଳା

**ଆନନ୍ଦପୁର,୧୩। ୬(ସ୍ୱ.ପ୍ର.)**

ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଶାଳପଡାଠାରେ ଶିଶୁ ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ମହା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଘଟଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଭିନ୍ନ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଶିଶୁ ଭାବନା ବିଷୟବସ୍ତୁକୁ ନେଇ ଉପସ୍ଥିତ ସମସ୍ତ ସଦସ୍ୟଗଣ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତ୍ୟେକ କବିତାକୁ ଶିଶୁ ସାହିତ୍ୟିକ କୀର୍ତ୍ତନ ସାହୁ, ହଳଧର ପଣ୍ଡା, ମଙ୍ଗୁଳି ଚରଣ ପୃଷ୍ଟି, ବୈଲୋଚନ ସାହୁ, ସୋମନାଥ ମାଝି ପ୍ରମୁଖ କବିତା ସମୀକ୍ଷା କରିଥିଲେ। ଶିଶୁ ସାହିତ୍ୟିକ ରତ୍ନାକର ଦାସଙ୍କ ସଂଯୋଜନାରେ କବିତାପାଠ ସହ ଏହାର ରଚନା ଓ ପଠନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସ୍ୱଷ୍ଟ ଭାବ ଉଦ୍ରେକ କରି ସରଳ ଶବ୍ଦ ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପଙ୍କଜିନୀ ସାହୁ, ପୁଷ୍ପମଞ୍ଜରୀ କର, ସରୋଜ କୁମାର ସାହୁ, ନିରଞ୍ଜନ ସାହୁ, ବିବେକାନନ୍ଦ ବେହେରା, ଅନନ୍ତ ଚରଣ ଦେହୁରୀ, ସରଳା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ କବିତା ପାଠରେ ଅଂଶ ଗ୍ରହଣ କରିଥିଲେ। ଶିଶୁ ସାହିତ୍ୟିକ କୀର୍ତ୍ତନ ବିହାରୀ ସାହୁଙ୍କୁ ଜନ୍ମ ଦିନ ଉପଲକ୍ଷେ ସମ୍ବର୍ଦ୍ଧିତ କରାଯାଇଥିଲା। ଫକୀରପୁର ସାହିତ୍ୟ ସଂସଦ ଏବଂ ଉତ୍କଳମଣି ଶିଶୁ ସାହିତ୍ୟ ସମିତିର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା।

## ବଜ୍ରପାତ: ୨ ବଖରା ଜଳିଗଲା

**ହାଟଡିହୀ, ୧୩।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମନହରପୁର ଗ୍ରାମରେ ଗତ ବୁଧବାର ରାତିରେ ବଜ୍ରପାତ ଘଟି ଜିତେନ୍ଦ୍ର ଜେନାଙ୍କର ଦୁଇ ବଖରା ଘର ଜଳିଯାଇଛି ।ବଜ୍ରପାତ ହେବା ଫଳରେ ଘରର ଲୋକମାନେ ପ୍ରାଣଭୟରେ ବାହାରକୁ ପଳାଇ ଆସିଥିଲେ। ଗ୍ରାମର ଜିତେନ୍ଦ୍ର ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି ।

## ପଞ୍ଚାୟତ ସମିତି ବୈଠକ


ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

**ସଜନାଗଡ଼, ୧୩।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ପଞ୍ଚାୟତ ସମିତି ବୈଠକ ଗୁରୁବାର ପୂର୍ବାହ୍ନରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଜାନକୀ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବିଡିଓ ରାମ ଦାସ ଟୁଡୁ, ଉପାଧ୍ୟକ୍ଷ ରମେଶ ମହାନ୍ତି, ଏମ୍‌ପି ପ୍ରତିନିଧି କରୁଣାକର ପଣ୍ଡା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅନୀଲ ପଣ୍ଡାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଜିଲାପରିଷଦ, ସରପଞ୍ଚ, ସମିତିସଭ୍ୟ ବୈଠକରେ ଯୋଗ ଦେଇଥିଲେ। ବର୍ଷାଋତୁ ପୂର୍ବରୁ ନିର୍ବାଚନ ମଣ୍ଡଳୀର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା, ପଡ଼ିରହିଥିବା ଟଙ୍କାକୁ ଠିକ୍ କାର୍ଯ୍ୟରେ ଲଗାଇବା ବୈଠକରେ ମୁଖ୍ୟ ବିଷୟ ହୋଇଥିଲା। ବିଭିନ୍ନ ବିଭାଗର କମିଟି ଗଠନକୁ ନେଇ ବୈଠକରେ କିଛି ସମୟ ପାଇଁ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ପରେ ପାନୀୟଜଳ, ବିଜୁଳି, ଡ୍ରେନେଜ, ରାସ୍ତା, କୃଷି, ଜଳସେଚନ ଓ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଚରମ୍ପା ଗଳାପୋଲର ସମ୍ପ୍ରସାରଣ ଦାବି


ସଭାରେ ଉପସ୍ଥିତ ଚରମ୍ପା ଅଞ୍ଚଳବାସୀ।

**ଭଦ୍ରକ ଅଫିସ, ୧୩।୬**

ଭଦ୍ରକ ଜିଲା ଚରମ୍ପାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ସଭାଗୃହରେ ପ୍ରଫୁଲ୍ଲ ନାୟକ ଓ କଲ୍ଲୋଳ ଲେଙ୍କାଙ୍କ ଆବାହକତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ନରେନ ପଲାଇ ଏଥିରେ ସଭାପତିତ୍ୱ କରିଥିଲେ। କିଭଳି ଚରମ୍ପା ଅଞ୍ଚଳର ଲୋକେ ସ୍ଥାନୀୟ ଗଳାପୋଲକୁ ସମ୍ପ୍ରସାରଣ କରିବା ପାଇଁ ସରକାରୀସ୍ତରରେ ଦାବି ଜଣାଇଥିଲେ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ କରାଯାଇ ନ ଥିଲା, ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସେ ଅବଗତ କରାଇଥିଲେ। କିନ୍ତୁ ପର ମୁହୂର୍ତ୍ତରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚରମ୍ପା ଗଳାପୋଲକୁ ସମ୍ପ୍ରସାରଣ କରିବା ପରିବର୍ତ୍ତେ ଚରମ୍ପା ଆଇଟିଆଇ ନିକଟରେ ଏକ ଉଡ଼ନ୍ତା ପୋଲ କରିବାକୁ ସ୍ଥିର କରୁଥିବା ଓ ଏଥିପାଇଁ ବିଭାଗୀୟ ଅଧିକାରୀମାନେ ସ୍ଥାନ ପରିଦର୍ଶନ କରିସାରିଥିବା ଲୋକଙ୍କୁ ସୂଚନା ଦିଆଯାଇଥିଲା। ଚରମ୍ପା ଆଇଟିଆଇ ନିକଟରେ ଉଡ଼ନ୍ତା ପୋଲ କରାଗଲେ କୌଣସି ଫାଇଦା ହେବନାହିଁ ବୋଲି ଉପସ୍ଥିତ ଅଞ୍ଚଳବାସୀ ମତ ରଖିଥିଲେ। ପୁରୁଣା ଗଳାପୋଲକୁ ସମ୍ପ୍ରସାରଣ କରାଗଲେ ଟ୍ରାଫିକ ସମସ୍ୟା ହେବନାହିଁ ବୋଲି କୁହାଯାଇଛି। ଏଣୁ ବିଭାଗ ପକ୍ଷରୁ ସ୍ଥିରୀକୃତ ସ୍ଥାନରେ ଉଡ଼ନ୍ତା ପୋଲ କରା ନ ଯାଇ ଚରମ୍ପା ଗଳାପୋଲକୁ ସମ୍ପ୍ରସାରଣ କରାଯିବା ଲାଗି ସ୍ଥାନୀୟ ପ୍ରଶାସନ, ଭଦ୍ରକ ବିଧାୟକ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପୁନଃ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବାକୁ ସଭାରେ ସ୍ଥିର କରାଯାଇଛି। ଦାବିପତ୍ର ଦେବା ପାଇଁ ସଭାରେ ଏକ କମିଟି ଚୟନ କରାଯାଇଥିଲା। ପୂର୍ବତନ ସରପଞ୍ଚ ରତ୍ନାକର ସାମଲ, ସଞ୍ଜୀବ ମହାନ୍ତି, ସୁବ୍ରତ ଦାସ, ଅଶୋକ ମହାନ୍ତି, ଲକ୍ଷ୍ମୀଧର ରାଉତ, ଗଜେନ୍ଦ୍ର ବେହେରା, ରାଜକିଶୋର ବାଇତି, ବିଦ୍ୟାଧର ବାରିକ, ମଦନ ମହାନ୍ତି, ବିଭୂତି ଭୂଷଣ ସାହୁ, ସୁକାନ୍ତ ଦାସ, ରତିକାନ୍ତ ପରିଡ଼ା ଓ ଅଶୋକ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରଜ ଉପଲକ୍ଷେ ଭୂଧାରଚଣ୍ଡୀ ଦେବୀଙ୍କ ପୀଠରେ ନିଆଁପାଟ

**ସଜନାଗଡ଼, ୧୩।୬(ଡି.ଏନ.ଏ.)**


ସଜନାଗଡସ୍ଥିତ ଭୂଧାରଚଣ୍ଡୀ ମନ୍ଦିର।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଅନ୍ତର୍ଗତ ସଜନାଗଡ଼ର ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ମା'ଭୂଧାରଚଣ୍ଡୀଙ୍କ ଦେବୀ ପୀଠରେ ରଜ ଉପଲକ୍ଷେ ଶୁକ୍ରବାର ଆରମ୍ଭ ହେବ ନିଆଁପାଟ ଏବଂ ଶନିବାର ମଧ୍ୟରାତ୍ରିରେ ହେବ ଉଡ଼ାପର୍ବ । ରଜ ସଂକ୍ରାନ୍ତିର ଉଡ଼ାପର୍ବ ଏଠାକାର ପ୍ରଧାନପର୍ବ । ୯ ତାରିଖରୁ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିକୁ ପୂଜା କରାଯାଇ ପରଦିନଠାରୁ ଗଡ଼ବାସୁଳୀ ଦାସୀ, ପାଟଭକ୍ତା, ଦେଶଭକ୍ତା ସଜନାଗଡ଼ ମନ୍ଦିରକୁ ଲାଗି ରହିଥିବା ବିଭନ୍ନ ଗ୍ରାମ ବୁଲି ଉଡ଼ାପର୍ବ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ୧୩ ତାରିଖ ମଧ୍ୟରାତ୍ରି ୧୨ଘଟିକାରେ ଭକ୍ତା ବିଶ୍ରାମ ହୋଇ ସଜନାଗଡ଼ ଚଣ୍ଡୀ ପୋଖରୀ ପାର୍ଶ୍ୱରେ ପୂଜାର୍ଚ୍ଚନା କରିବା ସହ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିଠାରେ ନିଶାଘାଟ ବିଧିଶେଷ କରିଥାନ୍ତି । ୧୪ତାରିଖରେ ପୂର୍ବାହ୍ନ ୧୦ଟାରେ ଭକ୍ତାମାନେ ଚଣ୍ଡୀ ପୋଖରୀରେ ଗାଧୋଇ ମା'ଙ୍କ ଦର୍ଶନ ସାରିବା ପରେ ଆରମ୍ଭ ହେବ ନିଆଁପାଟ । ମାଆଙ୍କ ସାମ୍ନା ମନ୍ଦିର ପଡ଼ିଆରେ ଦେଢ଼ଫୁଟ ଓସାର ଓ ୮ଫୁଟ୍ ଲମ୍ବର ଏକ ଗର୍ତ୍ତ ଖୋଳାଯାଇ କୋଇଲାରେ ନିଆଁ ଲଗାଯିବ। ଏହି ନିଆଁ ପାଟରେ ୮୦ରୁ ଊର୍ଦ୍ଧ୍ୱ ଭକ୍ତାମାନେ ମା'ଙ୍କ ନାମ ଧରି ଅଗ୍ନି ଉପରେ ଚାଲିବେ। ୧୫ତାରିଖ ମଧ୍ୟ ରାତ୍ରିରୁ ଆରମ୍ଭ ହେବ ଉଡ଼ାପର୍ବ । ମନ୍ଦିରର ମୁଖ୍ୟ ପୂଜାରୀ ବିଜୟ ପଣ୍ଡା, ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ମୁଖ୍ୟଭକ୍ତାଙ୍କ ନିର୍ଦ୍ଦେଶାନୁସାରେ ସମସ୍ତ ଭକ୍ତା ହାତ ଓ ପିଠିରେ କଣ୍ଟା ଫୋଡ଼ି ମା'ଙ୍କ ନାମ ଉଚ୍ଚାରଣ ସହ ହରିବୋଲ ଧ୍ୱନି ଦେଇ ଖୁଣ୍ଟ ଚଢ଼ି ଉଡ଼ିଥାନ୍ତି । ଭକ୍ତାମାନଙ୍କୁ ଛାଡ଼ି ଏଥିରେ ମାନସିକ କରିଥିବା ଲୋକ ମଧ୍ୟ ହୁଅନ୍ତି । ନୀଳଗିରି ବଣ ପାହାଡ଼ଘେରା ଆଦିବାସୀ ଅଞ୍ଚଳରେ ରଜପର୍ବରେ ଉଡ଼ାକୁ ଉପଭୋଗ କରିବା ପାଇଁ ନିଜ ଅଞ୍ଚଳ ସହ ମୟୂରଭଞ୍ଜ ଜିଲାର ବହୁଲୋକ ଏଠାକୁ ଆସିଥାନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଜୁନ୍ ୧୪/୨୦୧୯ Berhampur, Friday, June 14/ 2019

### ସଂକ୍ଷେପରେ

## ଭାଲୁ କାମୁଡ଼ାରେ ଜଣେ ଗୁରୁତର

ଶଙ୍କରାଖୋଲ,୧୩।୬(ଡି.ଏନ୍.ଏ.)- ଶଙ୍କରାଖୋଲ ଠାରୁ ୬ କିମି ଦୂର ଗୁମାଗଡ଼ ଗାଁ ନିକଟ ଟେଙ୍ଗେରୀ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ଭାଲୁ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ଗୁମାଗଡ଼ ଦେହୂରୀ ସାହିର ପ୍ରଦୀପ ବିଶ୍ୱାଳ। ପ୍ରଦୀପ କାଠ ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁ ସହ ମୁହାଁମୁହିଁ ବେଳେ ଆହତ ହୋଇଥିଲେ। ମାତ୍ର କୌଣସି ପ୍ରକାରେ ସେ ଭାଲୁ ହାବୁଡରୁ ଖସି ଗାଁକୁ ପଳାଇ ଆସିଥିଲେ। ତାଙ୍କୁ ପ୍ରଥମେ ଗୁମାଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ତାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।




■ ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସମୀକ୍ଷା

# ପାଣି ପାଉଚ୍ ଫ୍ୟାକ୍ଟ୍ରି ସିଲ ହେବ

■ ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି ପାଇଁ ଲାଇସେନ୍ସ ଜରୁରୀ
■ ସବୁ କାର୍ଯ୍ୟ ଶେଷର ନିର୍ଦ୍ଧାରିତ ତାରିଖ ଦିଅ

ଛତ୍ରପୁର,୧୩।୬(ଡି.ଏନ.ଏ) ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଏଣିକି ଯେଉଁସବୁ ଦୋକାନୀ ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି କରିବେ ସେମାନଙ୍କୁ ଲାଇସେନ୍ସ କରିବାକୁ ହେବ। ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ପ୍ଲାଷ୍ଟିକ ସାମଗ୍ରୀ ସେମାନେ ବିକ୍ରି କରିପାରିବେ ନାହିଁ । ପଲିଥିନ, ପାଣି ପାଉଚ୍ ମହଜୁଦକାରୀଙ୍କ ଉପରେ ଜରିମାନା ପକାଯିବ। ପାଣି ପାଉଚ ପ୍ରସ୍ତୁତ କରୁଥିବା ଫ୍ୟାକ୍ଟ୍ରି ସିଲ୍ କରାଯିବା ସହ ଏହି ସାମଗ୍ରୀ ପରିବହନ କରୁଥିବା ଗାଡିକୁ ଜବତ କରାଯିବ। ନିର୍ବାହୀ ଅଧିକାରୀମାନେ ଗୁପ୍ତରେ କର୍ମଚାରୀ ଲଗାଇ ପଲିଥିନ କାରବାର କରୁଥିବା ଦୋକାନୀମାନଙ୍କର ଖବର ନେବେ ଏବଂ ସେଠାରେ ଅଚାନକ ଚଢ଼ାଉ କରାଯିବ। ସେହିପରି ପ୍ଲାଷ୍ଟିକ କୋଟେଡ ପାତ୍ରରେ ଖାଦ୍ୟ ନ ଖାଇବା ପାଇଁ ସଚେତନତା ସୃଷ୍ଟି କରିବାକୁ ମଧ୍ୟ କୁହାଯାଇଛି। ପୌର ସଂସ୍ଥାର ନିର୍ବାହୀ ଅଧିକାରୀମାନେ ପ୍ଲାଷ୍ଟିକ କୁପ୍ରଭାବ ଉପରେ ୱାର୍ଡସ୍ତରରେ ସଭା କରିବେ। ପ୍ରତ୍ୟେକ ଦୋକାନୀ ଦୁଇଟି ଅଳିଆ ସଂଗ୍ରହ ଥଳି ରଖିବେ। ଗୋଟିଏରେ ବର୍ଜ୍ୟ ଏବଂ ଅନ୍ୟଟିରେ କଠିନ ଅଳିଆ ରଖିବା ବାଧ୍ୟତାମୂଳକ କରାଯିବ। ପ୍ରତ୍ୟେକ ପୌରସଂସ୍ଥା ପକ୍ଷରୁ ଘର ଘର ବୁଲି ଅଳିଆ ସଂଗ୍ରହ ପାଇଁ ଗାଡି ନିୟୋଜିତ କରିବେ। ପୌର ସଂସ୍ଥାର ସ୍ୱତନ୍ତ୍ର ଵର୍ମି କମ୍ପୋଷ୍ଟ ବ୍ୟବସ୍ଥା ରହିବ। ପୌରସଂସ୍ଥା ଆବର୍ଜନା ଜମା କରିବା ପାଇଁ ଅନ୍ୟୁନ ୫ ଏକର ପରିମିତ ଜାଗା ଚିହ୍ନଟ ଏବଂ ତହସିଲଦାରଙ୍କ ଅନୁମୋଦନ ସହ ଜିଲା କାର୍ଯ୍ୟାଳୟକୁ ପଠାଇବେ। ଗୋପାଳପୁର ସମୁଦ୍ରକୂଳ ବ୍ୟବସାୟୀମାନଙ୍କୁ ନେଇ ସ୍ୱଚ୍ଛତା ସମ୍ପର୍କିତ ବୈଠକ କରିବା ପାଇଁ ସେଠାର ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୌରସଂସ୍ଥା କରୁଥିବା କୋଠାଘର ବାତ୍ୟା ଆଶ୍ରୟସ୍ଥଳ ରୂପେ ବ୍ୟାବହର ହେବା ପରି ଢାଞ୍ଚାରେ ନିର୍ମାଣ କରିବେ। ପୌରସଂସ୍ଥା ଗୁଡିକରେ ହେଉଥିବା ଉନ୍ନୟନ କାର୍ଯ୍ୟ କେବେ ଶେଷ ହେବ ତାହାର ନିର୍ଦ୍ଦିଷ୍ଟ ତାରିଖ ଲିଖିତ ଆକାରରେ ଜିଲାପାଳଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଡିଆରଡିଏ ପିଡି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଏପିଡି ଦେବବ୍ରତ ସାହୁ, ଡୁଡା ପିଡି ସବ୍ୟସାଚୀ ହୋତା, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୁଆପଥର ବର୍ଷା, ବ୍ୟାପକ କ୍ଷୟକ୍ଷତି


କ୍ଷତିଗ୍ରସ୍ତ ପରିବାର।

ରାଇକିଆ,୧୩।୬(ଡ଼ି.ଏନ.ଏ) ରାଇକିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଧବାର ରାତ୍ରରେ ପ୍ରବଳ ବର୍ଷା ସହ କୁଆପଥର ପଡିଥିଲା। ଏଥିରେ ଅନେକ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାଣିକେଶ୍ୱର ପଞ୍ଚାୟତରେ ଅଧିକ କ୍ଷତି ହୋଇଛି। ବାଡ଼ାମାହା ଓ କଡ଼ିଙ୍ଗିଆ ଗ୍ରାମରେ ବଡ଼ ବଡ଼ କୁଆପଥର ପଡ଼ିବା ଯୋଗୁ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଆଜବେଷ୍ଟ ଭାଙ୍ଗିଯାଇଛି। ଚାଷ ଜମି ମଧ୍ୟ କ୍ଷୟକ୍ଷତି ହୋଇଛି। ବିନସ, ଫୁଲକୋବି ଆଦି ଚାଷ ପାଇଁ ପ୍ରସ୍ତୁତ କରାଯାଇଥିବା ଚାରା ନଷ୍ଟ ହୋଇଛି। ବାଡ଼ାମାହା ଗ୍ରାମର ମୋତି ପ୍ରଧାନଙ୍କ ଘର କାନ୍ଥ ସଂପୂର୍ଣ୍ଣ ଭାଙ୍ଗି ଯାଇଛି। ମାଣିକେଶ୍ୱର ସରପଞ୍ଚ ଭୂଷଣ ପ୍ରଧାନ କ୍ଷତିଗ୍ରସ୍ତ ପରିବାରକୁ ଭେଟିଛନ୍ତି। ରାଇକିଆ ଆରଆଇ ଦୀପା ପ୍ରଧାନ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

## ଦଳବିରୋଧୀଙ୍କୁ ହଟାଇବାକୁ ଦାବି ଜୋର ଧରିଲା

ଦାରିଙ୍ଗବାଡ଼ି,୧୩।୬(ଡି.ଏନ.ଏ.) ଦଳ ବିରୋଧୀଙ୍କୁ ଚେକ୍, ଏଣିକି ଆଉ କ୍ଷମା ନାହିଁ, ଯେଉଁ ମାନେ ଦଳରେ ରହି ଦଳପତିଙ୍କୁ ନିର୍ବାଚନରେ ବିରୋଧ କରିଛନ୍ତି ତାଙ୍କୁ ଦଳରୁ ବହିଷ୍କାର କରାଯିବାକୁ ବିଜେଡି କର୍ମୀଙ୍କ ମଧ୍ୟରେ ଦାବି ଜୋର ଧରିଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ପ୍ରଥମଥର ପାଇଁ ଦାରିଙ୍ଗବାଡିରେ ଦଳବିରୋଧୀଙ୍କୁ ଦଳରୁ ବହିଷ୍କାର ପାଇଁ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏବେ ରାଜ୍ୟ ସଭାପତିଙ୍କ ନିଷ୍ପତ୍ତିକୁ ଅପେକ୍ଷା। ସେହିପରି ରାଇକିଆ, ଜି.ଉଦୟଗିରି ଏବଂ ଟିକାବାଲି ବ୍ଲକରେ ମଧ୍ୟ ଦଳ ବିରୋଧୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କର୍ମୀମାନେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଏନେଇ ବିଧାୟକ ଏବଂ କର୍ମୀଙ୍କ ମଧ୍ୟରେ ଆଲୋଚନା ହେବ। ସୂଚନା ଯୋଗ୍ୟ ଯେ, ୨୦୧୯ ନିର୍ବାଚନରେ ଦଳର କେତେଜଣ ଆଶାୟୀ ପ୍ରାର୍ଥୀଙ୍କ ସମେତ ଦଳୀୟକର୍ମୀ ଦଳରେ ଥାଇ ଅନ୍ତର୍ଘାତୀ କାମ କରିଥିବାରୁ ସାଲୁଗା ଆଶା କରିଥିବା ଭୋଟଠାରୁ କମ୍ ପାଇଥିଲେ। ଏବେ ସେ ଦଳବିରୋଧୀଙ୍କ ଗତିରୋଧ କରି ଆସନ୍ତା ପଞ୍ଚାୟତ ନିର୍ବାଚନରେ ଜିଲାପରିଷଦ ଅଧ୍ୟକ୍ଷ, ସଦସ୍ୟ ଏବଂ ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଜିତାଇବାକୁ ରଣନୀତି ଆରମ୍ଭ କରିଛନ୍ତି।

## ଚନ୍ଦ୍ରଗିରି ପଞ୍ଚାୟତ: ମିଳୁନି ହରିଶ୍ଚନ୍ଦ୍ର ସହାୟତା

ଚନ୍ଦ୍ରଗିରି,୧୩।୬(ଡି.ଏନ୍.ଏ.) ରାଜ୍ୟ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି। ସେଥିମଧ୍ୟରୁ ହରିଶ୍ଚନ୍ଦ୍ର ଯୋଜନା ଅନ୍ୟତମ। ମୃତ୍ୟୁ ପରେ ଶବସତ୍କାର କରିପାରୁ ନ ଥିବା ଗରିବ ଲୋକଙ୍କ ପାଇଁ ଏହି ଯୋଜନା ରାଜ୍ୟ ସରକାର ପ୍ରଣୟନ କରିଥିଲେ। ମୃତ୍ୟୁପରେ ପରିବାରବର୍ଗଙ୍କୁ ତୁରନ୍ତ ୨ହଜାର ଟଙ୍କା ଦେବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଅନେକ ସ୍ଥାନରେ ଏହି ଯୋଜନା ସ୍ଥାନୀୟ ଜନପ୍ରତିନିଧିଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁ ବାଟବଣା ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମୋହନା ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତରେ। ମୃତ୍ୟୁର ବହୁଦିନ ପରେ ମଧ୍ୟ ମୃତକଙ୍କ ପରିବାରକୁ ସହାୟତା ମିଳୁନାହିଁ।

ପ୍ରକାଶ ଥାଉକି , ଗତ ସୋମବାର ଚନ୍ଦ୍ରଗିରି ପାତ୍ର ସାହିର ବିଭୀଷଣ କାର୍ଜୀଙ୍କର ଦେହାନ୍ତ ହୋଇଥିଲା। ବିଭୀଷଣଙ୍କ ପରିବାର ଅତ୍ୟନ୍ତ ଗରିବ। ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପାଇଁ ସରପଞ୍ଚ ନର୍ମଦା ଦଳାଇଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କୁ ଜଣାଇଥିଲେ। ହେଲେ ଉଭୟେ ଏହି ଫଣ୍ଡରେ ପଞ୍ଚାୟତରେ ଏବେ ଟଙ୍କା ନାହିଁ ବୋଲି କହିଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହିପରି ପାତ୍ରସାହିର ମେହେଙ୍ଗାଳ ବରାଡଙ୍କ ମୃତ୍ୟୁର ୩ବର୍ଷ ପରେ ମଧ୍ୟ କୌଣସି ସହାୟତା ମିଳିପାରିନାହିଁ। ରାଉତ ସାହିର କବି ଜେନା ଓ ଚନ୍ଦ୍ରଗିରି ପାତ୍ର ସାହିର ଚକାମନ କାର୍ଜୀଙ୍କ ମୃତ୍ୟୁପରେ ମଧ୍ୟ ପରିବାର ଲୋକଙ୍କୁ ସହାୟତା ମିଳି ନଥିବା ମୃତକଙ୍କ ସମ୍ପର୍କୀୟ ଭୁବନା କାର୍ଯୀ, ସୁଜାତା ପାଇକ, କଳାବତୀ ବରାଡ, କାଳନ୍ଦୀ କାର୍ଯୀ, ବାସନ୍ତୀ ଜେନା, ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଟଙ୍କା ଦିଆଯାଉନଥିବା ସ୍ୱୀକାର କରିବା ସହ ବର୍ଷକୁ ୧୫ରୁ ୨୦ହଜାର ଟଙ୍କା ଆସୁଛି। ତାହା ସରିଯିବା ପରେ ଆଉ ହିତାଧିକାରୀଙ୍କୁ ଟଙ୍କା ଦେଇପାରୁନାହୁଁ। ସମ୍ପୃକ୍ତ ହିତାଧିକାରୀ ଅନଲାଇନ ଅଭିଯୋଗ କଲେ ତାଙ୍କ ନାମରେ ଟଙ୍କା ଆସିଲେ ଦେଇପାରିବୁ ବୋଲି କହିଥିଲେ। ସରପଞ୍ଚ ନର୍ମଦା ଦଳାଇଙ୍କୁ ପଚାରିବାରୁ ବିରକ୍ତି ପ୍ରକାଶ କରିବା ସହ କିଏ କେତେବେଳେ ମରୁଛି ଆମକୁ ଜଣାନାହିଁ, ହରିଶ୍ଚନ୍ଦ୍ର ଯୋଜନାରେ ଆମ ପାଖରେ ଫଣ୍ଡ ନାହିଁ ବୋଲି କହିଥିଲେ। ବିଡିଓ ବଂଶିଧର ଖୋସଲାଙ୍କୁ ଯୋଗାଯୋଗ କରିବାରୁ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ ହେଉଛି, ମୃତକଙ୍କ ପରିବାରକୁ ଯଥାଶୀଘ୍ର ଅନୁକମ୍ପା ରାଶି ଦିଆଯିବା ବ୍ୟବସ୍ଥା ମଧ୍ୟ ରହିଛି ବୋଲି କହିଥିଲେ। ଗଜପତି ଜିଲାପାଳ ଅନୁପମ ସାହାଙ୍କୁ ଯୋଗଯୋଗ କରିବାରୁ ସରକାରଙ୍କ ଏହି ଯୋଜନା ବର୍ତ୍ତମାନ ଚାଲୁ ରହିଛି। କେହି ବ୍ୟତିକ୍ରମ କଲେ ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ବୋଲି କହିଥିଲେ।




*ସର୍ତ୍ତାବଳୀ ଲାଗିବ । ମାଲ୍ ଥିବା ଯାଏଁ ଅଫର୍ ବୈଧ । ଅଫର୍ କେବଳ ବଛା ବଛା ମର୍ଚ୍ଚାଣ୍ଡାଇଜ୍ ସକାଶେ ବୈଧ । ଫ୍ରୀ ମର୍ଚ୍ଚାଣ୍ଡାଇଜ୍ କେବଳ ସ.ଖା.ମୂଲ୍ୟ ଉପରେ ଦିଆଯିବ । ଏହି ଅଫର୍ ବିନା ମଧ ମର୍ଚ୍ଚାଣ୍ଡାଇଜ୍ ମିଳୁଛି । ଅଫର୍'ର ଲାଭ ନେବା ପାଇଁ ୨ଟି ବିଲ୍/ଅଫର୍ ଯୋଡ଼ାଯାଇ ପାରିବ ନାହିଁ । କୂପନ୍‌ଙ୍କ ସର୍ତ୍ତ ଓ ନିୟମାବଳୀ କୂପନ୍ ରେ ବତାଯାଇଛି । ବିଶଦ ବିବରଣୀ ଷ୍ଟୋର୍ ଷ୍ଟାଫ୍‌କୁ ପଚାରି ବୁଝନ୍ତୁ ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ